# କ୍ଷତିଗ୍ରସ୍ତ ଚାଷୀଙ୍କ ନିକଟକୁ ଆସିଲେନି ନେତା, ଅଧିକାରୀ

## କୋବି ଅଭାବୀ ବିକ୍ରି

**ରସୁଲପୁର,୧୭।୨(ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଛ ପଞ୍ଚାୟତ ଗରୁଆଳ ଗ୍ରାମର ଚାଷୀ ରବୀନ୍ଦ୍ର ପରିଡ଼ା ଫୁଲକୋବି ଫସଲର ଅଭାବୀ ବିକ୍ରିର ଶିକାର ହୋଇଛନ୍ତି। ଫଳରେ ସେ ୨ ସପ୍ତାହ ତଳେ ୫୦ ଡିସିମିଲିରୁ ଊର୍ଦ୍ଧ୍ୱ କୋବି ଫସଲ ଉଜାଡ଼ି ଦେଇଛନ୍ତି। ଫୁଲକୋବି କିଆରିରେ ଟ୍ରାକ୍ଟର ଚଳାଇ ଫସଲ ନଷ୍ଟ କରିଦେଇ ଅନ୍ୟ ଏକ ରବିଚାଷ ପାଇଁ ପ୍ରସ୍ତୁତ ହେଉଛନ୍ତି। ଫସଲ ଉଜାଡିବା ବାବଦରେ ତାଙ୍କୁ ଲକ୍ଷାଧିକ ଟଙ୍କାର କ୍ଷତି ସହିବାକୁ ପଡିଛି। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଚାଷୀ ପସଲ ଉଜାଡି ଦେଉଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ହେଲେ ଏ ସବୁ ପରେ ବି ସମ୍ପୃକ୍ତ ଚାଷୀଙ୍କ ସମସ୍ୟାକୁ ଅଣଦେଖା କରାଯାଇଛି। କ୍ଷତିଗ୍ରସ୍ତ ଚାଷୀଙ୍କ ଦୁଃଖ ବୁଝିବା ପାଇଁ ରାଜନେତା ହୁଅନ୍ତୁ ଅବା ବିଭାଗୀୟ ପଦାଧିକାରୀ କେହି ତାଙ୍କ ନିକଟକୁ ଆସିନାହାନ୍ତି ବୋଲି ପରିଡ଼ା ଅଭିଯୋଗ କରିଛନ୍ତି। ସେ ଫସଲ ନଷ୍ଟ କରିବା ପରେ



ମହାଜନି ସୁଧ ଯୁକ୍ତ ଋଣକୁ ନେଇ ମାନସିକ ଚାପଗ୍ରସ୍ତ ହୋଇପଡ଼ିଛନ୍ତି। ତେଣୁ କୃଷିଋଣ ଛାଡ଼ ସହ କ୍ଷତିପୂରଣ ବାବଦକୁ ସରକାରୀ ସହାୟତା ପ୍ରଦାନ ପାଇଁ ଚାଷୀ ଦାବି କରିଛନ୍ତି। ଏହିଭଳି ସମସ୍ୟାରେ କେବଳ ଚାଷୀ ରବୀନ୍ଦ୍ର ସମ୍ମୁଖୀନ ହୋଇଛନ୍ତି ତାହା ନୁହେଁ, ବ୍ଲକ ଅଞ୍ଚଳର ବହୁ ଚାଷୀଙ୍କ କ୍ଷେତ୍ରରେ ସମାନ ପରିସ୍ଥିତି ଉପୁଜିଛି। ଚାଷୀଙ୍କ ଦୁଃଖଦୁର୍ଦ୍ଦଶା ସମୟରେ କୃଷି ଓ ଉଦ୍ୟାନ କୃଷି ଅଧିକାରୀମାନେ ନ ପହଞ୍ଚିବା ଏକ ବିଡ଼ମ୍ବନାର ବିଷୟ ହୋଇଛି।

ଅପରପକ୍ଷରେ ସରକାର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ବ୍ୟୟବରାଦ କରୁଛନ୍ତି। ହେଲେ ଚାଷୀଙ୍କ ସମସ୍ୟାକୁ ଜାଣି ସେ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନିଆ ନ ଗଲେ ଆୟ ଦ୍ୱିଗୁଣିତ ହେବା ବଦଳରେ ଚାଷୀ ଋଣଗ୍ରସ୍ତ ହୋଇପଡିବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ତେଣୁ ଚାଷୀଙ୍କ ବାସ୍ତବ ସ୍ଥିତି, ଆବଶ୍ୟକତା ଓ ସମସ୍ୟାକୁ ଉପଲବ୍ଧ କରିବା ସହ କ୍ଷେତ୍ର ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଗଲେ ଚାଷୀ ଉପକୃତ ହୋଇପାରିବେ। ନ ହେଲେ ସରକାରୀସ୍ତରରେ ଚାଷୀଙ୍କ ଉନ୍ନତି ଲକ୍ଷ କେବଳ କାଗଜକଲମରେ ସୀମିତ ହୋଇରହିଯିବ ବୋଲି ସାଧାରଣରେ ଆଲୋଚାନ ହେଉଛି।

ବ୍ଲକ ଅଞ୍ଚଳରେ ଶୀତଳଭଣ୍ଡାର ନ ଥିବା, ପରିବା ଫସଲକୁ ବୀମାଭୁକ୍ତ କରାଯାଇପାରୁ ନ ଥିବା, ଋତୁକାଳୀନ ଫସଲରେ କ୍ଷତି ପହଞ୍ଚିଲେ ସେମାନଙ୍କୁ କ୍ଷତିପୂରଣ ନ ମିଳିବା, ହାଟ ବଜାରରେ ମଣ୍ଡି ନ ଖୋଲିବା ଭଳି ଅବ୍ୟବସ୍ଥା ଯୋଗୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ମିଳି ପାରୁନାହିଁ। ଏସବୁ କାରଣରୁ ଚାଷୀ କୌଳିକ ବୃତ୍ତି ଛାଡ଼ି ଅନ୍ୟ ବେଉସାକୁ ଆପଣେଇ ନେଉଥିବା ଲକ୍ଷ୍ୟ କରାଯାଉଛି। ଫୁଲକୋବି ଅଭାବୀ ବିକ୍ରି ଯୋଗୁ ବଜାରରେ କୋବି ପିଛା ୨ରୁ୩ ଟଙ୍କାରେ ବିକ୍ରି କରିବାକୁ ପଡ଼ିଥିଲା। ଯାହାର ଉତ୍ପାଦନ ମୂଲ୍ୟ ୫ଟଙ୍କାରୁ ଊର୍ଦ୍ଧ୍ୱ ବୋଲି ଆକଳନ କରାଯାଉଛି। ତେବେ ବେଶୀ ଖର୍ଚ୍ଚକରି କମ୍ ମୂଲ୍ୟରେ ବିକିବା ପାଇଁ ଉତ୍ପାଦିତ ଦ୍ରବ୍ୟକୁ ବାଜାରକୁ ନେଇ ଆହୁରି ଅଧିକ ଖର୍ଚ୍ଚାନ୍ତରୁ ବଞ୍ଚିବା ପାଇଁ ଚାଷୀ କ୍ଷେତକୁ ଉଜାଡି ଦେବାକୁ ନିଷ୍ପତ୍ତି ନେଉଛନ୍ତି ବୋଲି ମତ ରଖିଛନ୍ତି। ତେଣୁ କ୍ଷତିପୂରଣ ପ୍ରଦାନ ପାଇଁ କ୍ଷତିଗ୍ରସ୍ତ ଚାଷୀମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଖବରଦାତାଙ୍କୁ ମାଡ଼ ଅଭିଯୋଗରେ ଜଣେ ଗିରଫ

**ଚଣ୍ଡିଖୋଲ,୧୭।୨(ପ୍ରଦୀପ୍ତକୁମାରପୃଷ୍ଟି):**

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭୁଲୁକା ଗ୍ରାମର ଖବରଦାତା ତୁଷାରରଞ୍ଜନ ଜେନାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଶନିବାର ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମହାଦେଇପୁର ଗ୍ରାମର ମିଥୁନ ଦଳେଇ। ତାଙ୍କୁ ରବିବାର କୋର୍ଟଚାଲାଣ କରାଯିବ

ଗିରଫ ମିଥୁନ ଦଳେଇ।

ବୋଲି ପୋଲିସ ପ୍ରକାଶ କରିଛି। ସୂଚନା ଅନୁଯାୟୀ, ଜାନୁଆରୀ ୩୦ରେ ଖବରଦାତା ଜେନା ନିଜ ଗ୍ରାମ ପାଖ ଗ୍ରାମ ମହାଦେଇପୁରକୁ ଯାଇଥିବାବେଳେ ରାସ୍ତାରେ ଅଟକାଇ ମିଥୁନ ତାଙ୍କୁ ମାଡ଼ ମାରିବା ସହ ବ୍ୟାଗରେ ଥିବା ଟଙ୍କା ଛଡ଼ାଇ ନେଇଥିଲେ। ଏନେଇ ତୁଷାରଙ୍କ ସ୍ତ୍ରୀ ଅନିତା ଜେନା ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବାରମ୍ବାର ଚଢ଼ାଉ କରିଥିଲେ ମଧ୍ୟ ମିଥୁନ ଫେରାର ହୋଇ ଯାଇଥିଲେ। ତେବେ ସେ ଘରକୁ ଆସୁଥିବା ଖବର ପାଇ ଗ୍ରାମ୍ୟ ରାସ୍ତାରୁ ପୋଲିସ ତାଙ୍କୁ ଧରିଥିଲା ବୋଲି ଥାନା ଅଧିକାରୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି। ଏନେଇ ଥାନାରେ ଏକ ମାମଲା ନମ୍ବର ୫୬/୨୪ ରୁଜୁ ହୋଇଛି।

## କାଇମାଟିଆ ପଞ୍ଚାୟତ ପକ୍ଷରୁ ସଚେତନତା

**ବଡ଼ଚଣା,୧୭।୨(ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ କାଇମାଟିଆ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ପାଣ୍ଡବ ଚରଣ ସାମଲ ସଭାପତିତ୍ୱ କରିଥିଲେ। ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଦସ୍ୟ ଯଚିନ୍ଦ୍ର ପ୍ରସାଦ ନାୟକ, ମହିଳା ଫେଡରେଶନ ସଭାପତି ପୁଷ୍ପଲତା ନାଥ, ପୂର୍ବତନ ସରପଞ୍ଚ ପ୍ରବୋଧ ଶତପଥୀ, ଅନିରୁଦ୍ଧ ରାଉତ, ସଂକର୍ଷଣ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ମଲିକ, ରତିକାନ୍ତ ମଲିକ, ଅମୂଲ୍ୟ ନାୟକ, ଧୀରେନ୍ଦ୍ର ମଲ୍ଲିକ, ଏମ୍‌ବିକେ ଜ୍ୟୋତ୍ସ୍ନାରାଣୀ ଲେଙ୍କା, ଲତିକା ବାରିକ, ମଙ୍ଗୁଳି ନାୟକ, ଭବାନୀ ସାହୁ, ଅମିତ ମହାପାତ୍ର, ସୌମ୍ୟରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ପଞ୍ଚାୟତ ପକ୍ଷରୁ ବରିଷ୍ଠ ନାଗରିକ, ସଫଳ ଚାଷୀ, ମହିଳା ସଂଘ କର୍ମକର୍ତ୍ତା, ଅଙ୍ଗନଓ୍ୱାଡି କର୍ମୀ, ଆଶାକର୍ମୀ, କୃତୀ ଛାତ୍ରୀଛାତ୍ର, ଖବରଦାତା ଓ ପଞ୍ଚାୟତରେ କାର୍ଯ୍ୟରତ ସରକାରୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା।

## ରାଜ୍ୟ ସରକାରଙ୍କ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ

**ବିଞ୍ଝାରପୁର,୧୭।୨(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଟିଣା, ବାଛୋଳ, ଫତେପୁର ଆଦି ପଞ୍ଚାୟତରେ ଆଜି ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଜନସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଟିଣା ପଞ୍ଚାୟତଠାରେ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ନଟବର ମଲ୍ଲିକ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସ, ଉପାଧ୍ୟକ୍ଷ ସେକ ଏରସାଦ, ସରପଞ୍ଚ ବିଚ୍ଛାରଶ୍ମି ନାୟକ, ଜିଲା ପରିଷଦ ସଭ୍ୟ ଖଗେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପଞ୍ଚାୟତର ବହୁ ବରିଷ୍ଠ ବ୍ୟକ୍ତି, କୃତୀ ଛାତ୍ରୀଛାତ୍ର, କ୍ରୀଡ଼ାବିତ୍, ଶିକ୍ଷାବିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବାଛୋଳ ପଞ୍ଚାୟତଠାରେ ଉପୋରକ୍ତ ସମସ୍ତ ଅତିଥିଙ୍କ ସମେତ ସରପଞ୍ଚ କଳ୍ପନା ବେହେରା, ସମିତିସଭ୍ୟା ପଦ୍ମିନୀ ବେହେରା, ସାମାଜିକ କର୍ମୀ ସର୍ବେଶ୍ୱର ଧଳ, ଭଗବାନ ବେହେରା ପ୍ରମୁଖ ଯୋଗଦେଇଥିଲେ। ପଞ୍ଚାୟତର ବହୁ ବିକାଶମୂଳକ କାର୍ଯ୍ୟକୁ ନେଇ ପ୍ରସ୍ତୁତ ସଚେତନତା ପତ୍ରିକାକୁ ମୁଖ୍ୟଅତିଥି ବାଚସ୍ପତି ପ୍ରମିଳା ମଲ୍ଲିକ ଉନ୍ମୋଚନ କରିଥିଲେ। ଫତେପୁରଠାରେ ସାମାଜିକ କର୍ମୀ ନିଧିରାମ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବାଚସ୍ପତି ମଲ୍ଲିକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ମାଧବୀଲତା ସାହୁ ଓ ଶତ୍ରୁଜିତ ନାୟକ ପ୍ରମୁଖ ଯୋଗଦେଇଥିଲେ। କୃତୀ ପ୍ରତିଯୋଗୀ ଓ ପଞ୍ଚାୟତର ବିଭିନ୍ନ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି।

### ସାମିଲ ହେଲେ ସହରର ବହୁ ସାମାଜିକ ସଙ୍ଗଠନ ଏବଂ ସ୍କୁଲ ଛାତ୍ରୀଛାତ୍ର

**ଯାଜପୁରରୋଡ୍,୧୭।୨(ପବିତ୍ର ରଞ୍ଜନ ମହାନ୍ତି):**

କଳିଙ୍ଗନଗର ରୋଟାରି କ୍ଲବ ପକ୍ଷରୁ ବ୍ୟାସନଗର ସହରରେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲକ୍ଷେଶ୍ୱର ଅମାତ ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବରେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ, ଯାଜପୁର ରୋଡ ଆଦର୍ଶ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ସ୍ଥାନୀୟ ଗୋପବନ୍ଧୁ ଛକରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହରର ମୁଖ୍ୟରାସ୍ତା ଦେଇ ଚୋରଦା ଛକଠାରେ ପହଞ୍ଚିଥିଲା। ଏଥିରେ ମହାବୀର ଉଚ୍ଚ ବିଦ୍ୟାଳୟ, ଏନ୍‌ସି ଉଚ୍ଚ ବିଦ୍ୟାଳୟ, ଏନ୍‌ସିସି ଏବଂ ବ୍ୟାସନଗର ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସେମାନେ ବିଭିନ୍ନ ସଚେତନତା ବାର୍ତ୍ତା ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସହରବାସୀଙ୍କୁ ସଚେତନ କରାଇଥିଲେ। ବିଭିନ୍ନ ସାମାଜିକ ସଙ୍ଗଠନ ଯଥା; ପ୍ରଜାପିତା ବ୍ରହ୍ମାକୁମାରୀ, କ୍ଲବ ଦ ୟୁଥ ମାସ, ବରିଷ୍ଠ ନାଗରିକ ମଞ୍ଚ, ଯାଜପୁର ଜିଲା କିନ୍ନର ଶାନ୍ତି ସେନା, ସ୍ୱୟଂ ସହାୟକ ସଂଘ ଏବଂ ଜନସାଧାରଣ ଯୋଗ ଦେଇଥିଲେ। ସଚେତନତା ନିମନ୍ତେ ଏକ ବାଇକ ରାଲି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ସମସ୍ତ ସାମାଜିକ ସଙ୍ଗଠନମାନଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ପକ୍ଷରୁ ସଭାପତି ପ୍ରଶାନ୍ତ ପରିଡ଼ା, ସମ୍ପାଦକ ମନୋଜ ବାରିକ, ଇଭେଣ୍ଟ ସଭାପତି ଅକ୍ଷୟ ପତି, ସର୍ବଶ୍ରୀ ରୋଟାରିଆନ ପ୍ରଶାନ୍ତ ବିଶ୍ୱାଳ, ଦିନେଶ ସାହୁ, ଲୋକନାଥ ରାଉତ, ବିଜୟ ଶତପଥୀ, କମଳ ଲୋଚନ ସାହୁ, ସୁଦୀପ ମିଶ୍ର, ଶିବାନନ୍ଦ ନାୟକ, ସୁଶାନ୍ତ ବରାଳ, ସବିତା ରାଉତ, ଚିନ୍ମୟ ପୃଷ୍ଟି, ଦେବସ୍ମିତା ସାହୁ, ରାମଚନ୍ଦ୍ର ସେନାପତି, ଦେବକଲ୍ୟାଣ ଦାସ, କୈଳାସ ଚନ୍ଦ୍ର ସାହୁ, ଅଚ୍ୟୁତାନନ୍ଦ ମହାନ୍ତି, ସଞ୍ଜୟ ମିଶ୍ର, ଅରୁଣ ବେହେରା ଓ ଯୁଧିଷ୍ଠିର ତରାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ୍ ପଛରେ ପିଟିହେଲା ବସ୍, ଚାଳକ ଗୁରୁତର

**ପାଣିକୋଇଲି,୧୭।୨(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଶର୍ମା ଡ୍ରାଇଭର୍ସନ ନିକଟରେ ଶୁକ୍ରବାର ରାତ୍ରି ପ୍ରାୟ ୧ଟା୩୦ରେ ଏକ ଟ୍ରକ ପଛରେ କ୍ଷୀରୋଚୋରା ନାମକ ଏକ ଘରୋଇ ବସ ଧକ୍କା ହୋଇଛି। ଫଳରେ ଚାଳକ ଚାପି ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ୨ଘଣ୍ଟା ପରେ ଅଗ୍ନିଶମ ବାହିନୀ, ପୋଲିସ ଏବଂ ସାମାଜିକ ସଂଗଠନ ଦ୍ୱାରା ଉଦ୍ଧାର କରାଯାଇଛି। ବସ(ଓଡି-୦୧-ଏମ-୩୮୫୯) ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲାବେଳେ ଅଜଣା ଟ୍ରକ ପଛରେ ଦ୍ରୁତଗତିରେ ଧକ୍କା ଦେଇଥିଲା। ଫଳରେ ବସ ଚାଳକ ଜୟନ୍ତ କୁମାର ସିଂହ(୩୫) ଷ୍ଟିୟରିଂରେ ଚାପି ହୋଇ ଯାଇଥିଲେ। ସାମାଜିକ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ଓ ପାଣିକୋଇଲି ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ବସର ଆଗ ଭାଗ ଚୁରମାର ହୋଇ ଯାଇଥିଲା। ଯାତ୍ରୀ ସୁରକ୍ଷିତ ଥିଲେ। ପରେ ରସୁଲପୁର ଅଗ୍ନିଶମ ବାହିନୀକୁ ଡକାଯାଇଥିଲା। ଚାଳକଙ୍କୁ ଉଦ୍ଧାର ପରେ ଜାତୀୟ ରାଜପଥ ପାଟ୍ରୋଲିଂ ପିସିଆର ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ପରେ ଯାତ୍ରୀଙ୍କୁ ଏକ ଅନ୍ୟ ବସ ଯୋଗେ ଭୁବନେଶ୍ୱର ପଠାଯାଇଥିଲା। ଉଦ୍ଧାର କାର୍ଯ୍ୟରେ ହେଲପିଂ ଗ୍ରୁପ ସଭାପତି ଅଶୋକ ଦାସ, ହରେକୃଷ୍ଣ ସାହୁ, ଚନ୍ଦନ ବେହେରା, ଲିଙ୍କୁନ ବେହେରା, ଥାନା ଏସ୍‌ଆଇ ବିଶ୍ୱରଞ୍ଜନ ଦାସ, ମନମୋହନ ବାରିକ, ଜାତୀୟ ରାଜପଥ ପାଟ୍ରୋଲିଂ ଅଧିକାରୀ ଏଲ ଖାଁ, ଗୃହରକ୍ଷୀ ପ୍ରଦୀପ ମଲିକ, ବାଇଧର ମଲ୍ଲିକଙ୍କ ସମେତ ଅନେକ କର୍ମଚାରୀ ସାମିଲ ହୋଇଥିଲେ।

## ଜୟ ଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ




ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ଚଢ଼େଇଧରା,୧୭।୨(ଦିଲୀପ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ମଧୁପୁରଗଡ଼ ପଞ୍ଚାୟତ ଭୁବନପୁର ଗ୍ରାମରେ ୩ ଦିନ ଧରି ଚାଲିଥିବା ଜୟ ଜଗନ୍ନାଥ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। କଳା, ସାହିତ୍ୟ, ସଂସ୍କୃତି ଆଧାରିତ ଏହି ଭାବଭକ୍ତି କାର୍ଯ୍ୟକ୍ରମର ପ୍ରଥମ ଦିନ କଳସ ଶୋଭାଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା। କଳସଯାତ୍ରାରେ ବିଭିନ୍ନସ୍ଥାନର ସଂକୀର୍ତ୍ତନମଣ୍ଡଳୀ ଯୋଗଦେଇଥିଲେ। ଢେଙ୍କାନାଳର ଗୋପାଳ ଲଉଡିଖେଳ, କୋରାପୁଟର କାଠିନାଚ, ଚିଲିକାର ପାଇକ ଆଖଡା ସହ ରାଜ୍ୟର ବିଭିନ୍ନ ସ୍ଥାନର ସୁନାମଧନ୍ୟ ବାଦ୍ୟଯନ୍ତ୍ର ସାମିଲ ହୋଇଥିଲା। ପାଇକ ଆଖଡ଼ାର ନିଆଁଖେଳ, ମାଙ୍କଡ଼ାପଥର ଭଙ୍ଗା, ବିଭିନ୍ନ ପ୍ରକାର ପାଇକ ଖେଳ ଦୃଶ୍ୟକୁ ଶହଶହ ସଂଖ୍ୟାରେ ଲୋକେ ଉପଭୋଗ କରିଥିଲେ। ଏଥିରେ ଯୁବତୀଯୁବକମାନେ ଅତ୍ୟନ୍ତ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ। ମଞ୍ଚରେ ଆଧାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା; ପାଲା, ଘୁମୁରା ନାଚ, ନୃତ୍ୟ ନାଟିକା, ମହିରାବଣ ବଧ, ବାଡ଼ି ଖେଳ, ପାଇକ ଆଖଡ଼ା ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସୁବାସ ଦାସ ଭଜନ ପରିବେଷଣ କରିଥିଲେ। ପଣ୍ଡିତ ଦାମୋଦର ରଥଶର୍ମା, ପବିତ୍ର ଦାଶ, ସୁଶାନ୍ତ ପାଢ଼ୀ, ଅଭିଳାଶ ମିଶ୍ର ଓ ପ୍ରମୋଦ ପଣ୍ଡା ପ୍ରମୁଖଙ୍କ ଯଜ୍ଞକାର୍ଯ୍ୟ ସମ୍ପାଦନ କରିଥିଲେ।

## ଡାହାଣହତା ପଞ୍ଚାୟତରେ ସଚେତନତା ଶିବିର

**ଝୁମ୍ପୁରୀ,୧୭।୨(ସରୋଜ ନାୟକ):**

ଦଶରଥପୁର ବ୍ଲକ୍ ଡାହାଣହତା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କୁଆଁସ ମା' ମଙ୍ଗଳାଙ୍କ ପୀଠରେ ପୂର୍ବତନ ଜିଲା ପରିଷଦ ସଭ୍ୟ ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ସମିତି ସଭ୍ୟା ସସ୍ମିତା ଜେନା, ପୂର୍ବତନ ସରପଞ୍ଚ ଗୋବିନ୍ଦ ଜେନା ପ୍ରମୁଖ ଯୋଗଦେଇଥିଲେ। ବ୍ଲକ୍ ବିଜେଡି ସଭାପତି ଅଜୟ ମହାନ୍ତିଙ୍କ ଆୟୋଜନରେ ଶିବିର ଅନୁଷ୍ଠିତ ହୋଇଥିଲା।

## କୋରେଇରେ ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

**ଯାଜପୁର,୧୭।୨ (ହର୍ଷବର୍ଦ୍ଧନ ବେହେରା):**

ଆଗାମୀ ନିର୍ବାଚନକୁ ଆଖିରେ ରଖି ଯାଜପୁର ଜିଲା କୋରେଇ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବ୍ୟାସନଗର ମ୍ୟୁନିସିପାଲିଟି ଅଧୀନ କୋପଣ୍ଡଠାରେ କୋରେଇ ଭାଜପା ଯୁବନେତା ଆଲେକଜାଣ୍ଡାର ଦାସଙ୍କ ଏକ ସ୍ଥାୟୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଦୁଇ ମହଲା ଏବଂ ୧୦ ପ୍ରକୋଷ୍ଠ ବିଶିଷ୍ଟ ଏହି କାର୍ଯ୍ୟାଳୟରେ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଖାଇବା ଏବଂ ରହିବା ବ୍ୟବସ୍ଥା ସହ କାର୍ଯ୍ୟ କରିବା ନିମନ୍ତେ କମ୍ପ୍ୟୁଟର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଥିରୁ କୋରେଇ ନିର୍ବାଚନମଣ୍ଡଳୀରେ ବିଧାୟକ ପ୍ରାର୍ଥୀ ପାଇଁ ଭାଜପା ପକ୍ଷରୁ ଦାସ ସର୍ବାଗ୍ରେ ଆଶାୟୀ ଥିବା ମନେ ହେଉଛି। ଅନ୍ୟପକ୍ଷେ କେନ୍ଦ୍ର ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକୁ ପ୍ରତି ଘରେ ପହଞ୍ଚାଇବା ସହ ନିର୍ବାଚନମଣ୍ଡଳୀରେ ଭାଜପା ସଂଗଠନ ଯେପରି ତୃଣମୂଳସ୍ତରରୁ ମଜଭୁତ ହେବ ସେଦିଗରେ ଏହି କାର୍ଯ୍ୟାଳୟ କାର୍ଯ୍ୟ କରିବ ବୋଲି ଯୁବନେତା ଦାସ ପ୍ରକାଶ କରିଛନ୍ତି।

ଏହି ଅବସରରେ ସେ ଭାରତୀୟ ଜନତା ପାର୍ଟିର କାର୍ଯ୍ୟକର୍ତ୍ତାଙ୍କୁ କୋରେଇ ମାଟିର ବିକାଶ ପାଇଁ ଏବଂ କୋରେଇବାସୀଙ୍କୁ ତାଙ୍କ ନ୍ୟାର୍ଯ୍ୟ ଅଧିକାର ଦେବା ପାଇଁ ଲଢେଇ କରିବା ନିମନ୍ତେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ କାର୍ଯ୍ୟକର୍ତ୍ତା ମନୋଜ ଦାସ, ନିତ୍ୟାନନ୍ଦ ମହାଳିକ, ଜିଲା ଉପସଭାପତି ଦୀପ୍ତିରେଖା ମିଶ୍ର, ବ୍ୟାସଦେବ ମଣ୍ଡଳ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ଘଡ଼େଇ, ଅରୁଣ ଦାସ, ବ୍ୟାସଦେବ ମଣ୍ଡଳ ସାଧାରଣ ସମ୍ପାଦକ ପ୍ରଶାନ୍ତ ବୋଇତେଇ, ବଳରାମ ମହାନ୍ତି, ସଦାନନ୍ଦ ଭୂତିଆ, ବାବୁଲି ଭୁତିଆ, ଅଶୋକ ସେଠୀ, କାଳନ୍ଦୀ ସାହୁ, ଆଲୋକ କର, ସୁଶାନ୍ତ ସାହୁ, ଦୁର୍ଗାପ୍ରସାଦ ପରିଡ଼ା, ଗୋକୁଳ ପରିଡ଼ା, ସଞ୍ଜୟ ସାହୁ, ଆଶୁତୋଷ ସିଂହ, ପୂର୍ଣ୍ଣତୋଷ ସିଂହ, ଧନଞ୍ଜୟ ସାହୁ, ପ୍ରମିଳା ସାହୁ, ଗୟାଧର ସେଠୀ, ସୁଦର୍ଶନ ସାହୁ, ଗୌରାଙ୍ଗ ଚରଣ ପୃଷ୍ଟି, ଦିବାକର ପଲେଇ ଓ ବସନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ନେତା ଓ କର୍ମୀ।

## ପ୍ରଥମ ସାହିତ୍ୟ ସୃଜନୀ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

**ପ୍ରୀତିପୁର,୧୭।୨(ସୁଶାନ୍ତ ବେହୁରିଆ):**

ବିଞ୍ଝାରପୁର ବ୍ଲକ ବିତନା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଥମ ସାହିତ୍ୟ ସୃଜନୀ ଅନୁଷ୍ଠାନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ରଚନା, ଚିତ୍ରାଙ୍କନ ଓ ବିତର୍କ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରକଭାବେ ଶିକ୍ଷାବିତ୍ ଛାୟାପତି ଜେନା, ଶ୍ରୀକାନ୍ତ ସାହୁ ଓ ଯୁବ ସାମାଜିକ କର୍ମୀ ଅଶୋକ ସାହୁ ଯୋଗ ଦେଇଥିଲେ। ମୁଖ୍ୟଅତିଥିଭାବେ ବାଚସ୍ପତି ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥିଭାବେ ୨୫ ନମ୍ବର ଜୋନ ଜିଲା ପରିଷଦ ସଭ୍ୟା ଅହଲ୍ୟା ସ୍ୱାଇଁ ଓ ଅନ୍ୟତମ ଅତିଥି ଭାବେ ବିତନା ସରପଞ୍ଚ ରମେଶ ମଲ୍ଲିକ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ଗୁରୁ ମା' ଓ ଗୁରୁଜୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଚାରକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଆମର ମୂଳ ଲକ୍ଷ୍ୟ ବୋଲି ସଂଗଠନର ସଂଯୋଜକ ଅନ୍ୟନ୍ୟା ଅନ୍ୱେଷଣା ପ୍ରିୟଦର୍ଶନୀ କହିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱାଳ ସିଂହ ପରିଚାଳନା କରିଥିଲେ। ରଞ୍ଜନ ସିଂହ ଓ ପ୍ରଦୀପ ମହାପାତ୍ର ସହଯୋଗ କରିଥିଲେ।

## କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ

**ବଡ଼ଚଣା,୧୭।୨(ଦିଲୀପ କୁମାର ମହାନ୍ତି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଧ୍ରୁବଚରଣ ବାଘ ସ୍ମୃତି ସଂସଦ ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ଓ ପୁରସ୍କାର ବିତରଣ ଉତ୍ସବ ପ୍ରଧାନଶିକ୍ଷକ ଦୈତାରୀ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ମିହିର ରଞ୍ଜନ ସେଠୀ ଯୋଗଦେଇ କ୍ରୀଡ଼ା ଶିକ୍ଷାର ଏକ ଅଂଶ। ଏହା ଶାରୀରିକ, ମାନସିକ ଓ ବୌଦ୍ଧିକ ବିକାଶରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦୀପ୍ତ ବରାଳ ଯୋଗଦେଇ ଛାତ୍ରୀଛାତ୍ର ମହାପୁରୁଷଙ୍କ ଜୀବନୀ ଅଧ୍ୟୟନ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଉରକେଲା ଷ୍ଟିଲ ପ୍ଲାଣ୍ଟର ମୁଖ୍ୟ ପରିଚାଳକ ତଥା ବିଶିଷ୍ଟ କବି, ଲେଖକ ବିଜୟ କୁମାର ଦାସ, ଶିକ୍ଷାବିତ ଶତ୍ରୁଘ୍ନ ପ୍ରଧାନ, ରାଧାନାଥ ମହାନ୍ତି, ଅଜିତ ପ୍ରସାଦ ମିଶ୍ର, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ମୋ ସ୍କୁଲ ଅଭିଯାନ ଉପସଭାପତି ଦେବଯାନୀ ପ୍ରଧାନ, ତପନ ପୃଷ୍ଟି, ସ୍କୁଲ ପରିଚାଳନା କମିଟି ସଭାପତି ସୁଧାଂଶୁ ଶେଖର ବେହେରା ଓ ଅମିୟ କୁମାର ଦାସ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ପ୍ରକାଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ୬ଜଣ ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରାଯିବା ସହ ଜିଲାସ୍ତରୀୟ ପ୍ରତିଯୋଗିତାରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପ୍ରଫୁଲ୍ଲ କୁମାର ଦାସ ଧନ୍ୟବାଦ ଦେଇଥିଲେ।




ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

# ଲୋକାର୍ପଣ ହେଲା ୪ ରୂପାନ୍ତରିତ ହସ୍ପିଟାଲ






ଆଭାସି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଜଗତ୍‌ସିଂହପୁରରେ ଉପସ୍ଥିତ ନେତୃମଣ୍ଡଳୀ ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୧୭।୨ (ପ୍ରମୋଦ କୁମାର ନାୟକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମ ହସ୍ପିଟାଲ ଯୋଜନା ଅନ୍ତର୍ଗତ ଜିଲାର ୪ଟି ରୂପାନ୍ତରିତ ସରକାରୀ ହସ୍ପିଟାଲକୁ ଅଭାସି ମାଧ୍ୟରେ ଲୋକାର୍ପଣ କରିଛନ୍ତି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଅବସରରେ କୁହାଯାଇଥିଲା, ଜିଲା ମୁଖ୍ୟ ଚିକିତ୍ସାଳୟ ପୂର୍ଣ୍ଣଭାବେ ରଙ୍ଗ କରାଯାଇଛି। ଏଥିସହ ଆଟେଣ୍ଡାଣ୍ଟମାନଙ୍କ ପାଇଁ ବିଶ୍ରାମାଗାର, ନିରାମୟ କାଉଣ୍ଟର, ମିଶନ ଶକ୍ତି କାଫେ, ଉନ୍ନତ ଶୌଚାଳୟ, ହାତ ଧୋଇବା ସ୍ଥାନ, ଧାଡି ପରିଚାଳନା ବ୍ୟବସ୍ଥା, ଅନଲାଇନ ପଞ୍ଜିକରଣ, ହସ୍ପିଟାଲର ସମସ୍ତ ଅଞ୍ଚଳରେ ସାଇନେଜ, ଆଇଭିଆର୍ ପଦ୍ଧତିରେ ରୋଗୀଙ୍କ ମତାମତ ସଂଗ୍ରହ ଓ କର୍ମଚାରୀଙ୍କ ମୁହଁ ଚିହ୍ନଟ କରି ବାୟୋମେଟ୍ରିକ ଉପସ୍ଥାନ ପାଇଁ ବ୍ୟବସ୍ଥା କରାଯାଇଛି। ଉତ୍ସବରେ ମୁଖ୍ୟମନ୍ତ୍ରୀ ଏକଥା ମଧ୍ୟ କହିଥିଲେ, ୫-ଟି ଅନ୍ତର୍ଗତ ମୋ ହସ୍ପିଟାଲ ଯୋଜନା ସମସ୍ତ ଶ୍ରେଣୀର ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମୋ ହସ୍ପିଟାଲ ଏକ ନୂତନ ଯୁଗର ଆରମ୍ଭ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କୁହାଯାଇଥିଲା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ (ଏମ୍‌ସିଏଚ୍) କେନ୍ଦ୍ର ନିର୍ମାଣ ପାଇଁ ୧୬.୨୮ କୋଟି ଟଙ୍କା ବ୍ୟୟ କରାଯାଇଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟ ପାଇଁ ୫.୬୩ କୋଟି, ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ପାଇଁ ୩.୧୯ କୋଟି, ରଘୁନାଥପୁର ସିଏଚ୍‌ସି ୩.୧୪ କୋଟି ଓ ବାଲିକୁଦା ସିଏଚ୍‌ସି ପାଇଁ ୩.୨୭ କୋଟି ବ୍ୟୟ କରାଯାଇଛି। କାର୍ଯ୍ୟକ୍ରମରେ ସରକାରୀ ମୁଖ୍ୟ ସଚେତକ ତଥା ବିଧାୟକ ପ୍ରଶାନ୍ତ ମୁଦୁଲି ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଆସିଥିବା କହି ପ୍ରଶଂସା କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ସିଡିଏମଓ କ୍ଷେତ୍ରବାସୀ ଦାଶ, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଏଡିଏମ୍‌ଓ (ମେଡିକାଲ) ଅଜୟ କୁମାର ସ୍ୱାଇଁ, ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରମୋଦ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଏସ୍‌ଏଚ୍‌ଜି, ମିଶନ ଶକ୍ତି ସଦସ୍ୟା, ଆଶା ଓ ଅଙ୍ଗନୱାଡ କର୍ମୀମାନେ ଉପସ୍ଥିତ ଥିଲେ।

## ଏମ୍‌ସିଏଚ୍ କେନ୍ଦ୍ର ପାଇଁ ୧୬ କୋଟି ସହ ମୋଟ ୩୧.୫୧ କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପିତ

### ଜମି ସମସ୍ୟା ଦୂରହେଲା, ହସ୍ପିଟାଲ କଳେବର ବଢ଼ିବ

ଜିଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ପରିମାଣର ଜମି ନ ଥିବାରୁ ସମସ୍ୟା ହେଉଛି। କିଛି ମାସ ପୂର୍ବରୁ ତତ୍କାଳୀନ ୫-ଟି ସଚିବ ତଥା ବର୍ତ୍ତମାନର ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜଗତ୍‌ସିଂହପୁର ଗସ୍ତ ସମୟରେ ଏହାର ସମାଧାନ ପାଇଁ ଦାବି ହୋଇଥିଲା। ଜିଲାପାଳ ମଧ୍ୟ ଗତ ଜାନୁଆରୀ ୨୦ରେ ଏହାର ସମାଧାନ ପାଇଁ ପ୍ରସ୍ତାବ ଦେଇଥିଲେ। ଗତ ୧ ତାରିଖରେ ରାଜ୍ୟ ସରକାର ଜିଲାପାଳଙ୍କ ପ୍ରସ୍ତାବକୁ ଗ୍ରହଣ କରି ନେଇଛନ୍ତି। ଅର୍ଥାତ୍ ଜିଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ପୂର୍ତ୍ତ ଓ ପରିବହନ ବିଭାଗ ଅଧୀନରେ ଥିବା ସରକାରୀ ଜମି ମଧ୍ୟରୁ ୫.୮୦ ଏକର ହସ୍ପିଟାଲକୁ ହସ୍ତାନ୍ତର ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଜମି ହସ୍ପିଟାଲକୁ ହସ୍ତାନ୍ତର ହେଲେ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଠିଯିବ। ଏଥିସହ ଜଗତ୍‌ସିଂହପୁର ଥାନାର ଅଧିକାଂଶ ସ୍ୱାସ୍ଥ୍ୟକେନ୍ଦ୍ର ଦଖଲକୁ ଚାଲିଯିବ। ମାତ୍ର ୨ ଏକର ଜମିରେ ଥାନା ରହିବ। ତେବେ ଏହି ଜମି ହସ୍ତାନ୍ତର ପରେ ହସ୍ପିଟାଲ ରୂପାନ୍ତରିକରଣରେ ନୂଆ ଅଧ୍ୟାୟ ସୃଷ୍ଟି ହେବ ବୋଲି ପାଣ୍ଡିଆନ କହିଛନ୍ତି। ତେଣୁ ମୁଖ୍ୟ ଶାସନ ସଚିବ ଏବଂ ସ୍ୱାସ୍ଥ୍ୟ ବିଭାଗ ସଚିବଙ୍କ ଭୂମିକା ପ୍ରଶଂସନୀୟ ବୋଲି ପାଣ୍ଡିଆନ କହିଥିଲେ। କାର୍ଯ୍ୟକ୍ରମ ସରିଲା ପରେ ଉପସ୍ଥିତ ମହିଳାମାନଙ୍କୁ ଟିଫିନ୍ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା।ଅଧିକ ଭିଡ଼ ହୋଇଥିବାରୁ କିଛି ସମୟ ପାଇଁ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

## ୨ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ

ଜଗତ୍‌ସିଂହପୁର, ୧୭।୨ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅଞ୍ଚଳର ୨ ଜଣ ନାବାଳିକାଙ୍କୁ ଜଣେ ୬୫ ବର୍ଷର ବ୍ୟକ୍ତି ବଳାତ୍କାର କରିଥିବା ନେଇ ୨୦୨୦ରେ ଅଭିଯୋଗ ହୋଇଥିଲା। ଏହି ମାମଲାର ରାୟ ଶନିବାର ପ୍ରକାଶ ପାଇଛି। ଏହାର ବିଚାର କରି ଜଗତ୍‌ସିଂହପୁର ଫାଷ୍ଟ ଟ୍ରକ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଅଭିଯୁକ୍ତ କାଙ୍ଗାଳି ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୮ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରିଛନ୍ତି। ଏହି ରାଶି ଅନାଦାୟ ହେଲେ ଅଧିକ ୯ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ଅଛି।

ଏ ସମ୍ପର୍କରେ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରିଥିବା ଓକିଲ ଦୋଳଗୋବିନ୍ଦ ଦାସ କହିଛନ୍ତି, ୮।୯।୨୦ରେ ଏହି ଅଭାବନୀୟ ଘଟଣା ଘଟିଥିଲା। ନାବାଳିକା ଦ୍ୱୟ ଗାଁ ଠାକୁରାଣୀ ମନ୍ଦିର ପାଖରେ ଖେଳୁଥିବାବେଳେ ଅଭିଯୁକ୍ତ କାଙ୍ଗାଳି ସେମାନଙ୍କୁ ନିକଟସ୍ଥ ଖୋଲା ରେଡ୍‌କ୍ରସ ଭବନ ପରିସରରେ ବଳାତ୍କାର କରିଥିଲେ। ପରେ ନାବାଳିକା ଦ୍ୱୟ ଏବିଷୟରେ ସେମାନଙ୍କ ଘରେ କହିଥିଲେ। ୯।୯।୨୦ରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏନେଇ ମାମଲା (ନଂ.୬୬/୨୦) ରୁଜୁ କରି ତଦନ୍ତ କରିଥିଲା। ୧୮ଜଣ ସାକ୍ଷୀଙ୍କ ବୟାନକୁ ବିଚାରକୁ ନେଇ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ଏଥିସହ କ୍ଷତିପୂରଣ ବାବଦରେ ଉଭୟ ନାବାଳିକାଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଦେବାକୁ ଜିଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

# ୨ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ନୂଆଗାଁ ପଞ୍ଚାୟତରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

ନାଉଗାଁ, ୧୭।୨ (ସୁଧା ବେହୁରା)

ନାଉଗାଁ ବ୍ଲକ ଅନ୍ତର୍ଗତ ନୂଆଗାଁ ଓ ନାଉଗାଁ ପଞ୍ଚାୟତରେ ଶନିବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ ପଞ୍ଚାୟତରେ ସରପଞ୍ଚ ଦୋଳଗୋବିନ୍ଦ ରାଉଳଙ୍କ ସଭାପତିତ୍ୱରେ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି ଯୋଗଦେଇ ଗ୍ରାମାଞ୍ଚଳର ଜନସାଧାରଣଙ୍କ ପାଇଁ ସରକାରଙ୍କ ଦ୍ୱାରା କରାଯାଉଥିବା ଜନହିତକର କାର୍ଯ୍ୟ ତଥା ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ବିଡିଓ ତପନ ମହାପାତ୍ର ଯୋଗଦେଇଥିଲେ। ସେହିପରି ନାଉଗାଁ ପଞ୍ଚାୟତରେ ଅନୁରୂପ ଭାବେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସରପଞ୍ଚ ପ୍ରାଚୀ ସାଗରିକା ଜେନା ଓ ମାନସୀ ଲେଙ୍କା ପ୍ରମୁଖ ଯୋଗଦେଇଥିଲେ।

# ଚରିତ୍ର, ସେବା ମନୋଭାବ ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ

କୁଜଙ୍ଗ, ୧୭।୨ (ମନୋଜ ପ୍ରଧାନ)

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କୁଜଙ୍ଗର ଅଷ୍ଟବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶିକ୍ଷାବିତ୍ ରଜନୀକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ସନ୍ଧ୍ୟାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିକାଶ ସମିତିର ପୂର୍ବ ସମ୍ଭାଗ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା ଯୋଗଦେଇ ଏହି ବିଦ୍ୟାଳୟର ଗୌରବ ଓ ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ କହିଥିଲେ। ମୁଖ୍ୟ ବକ୍ତାଭାବେ ରାଷ୍ଟ୍ରଦୀପର ମୁଖ୍ୟ ସମ୍ପାଦକ ଚିତ୍ତରଞ୍ଜନ ମହାପାତ୍ର ଯୋଗଦେଇ ଚରିତ୍ର, ସେବା ମନୋଭାବ ଛାତ୍ରୀଛାତ୍ରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ସଂଘର ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, କୁଜଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ବନ୍ଦିତା ଦାସ ଯୋଗଦେଇ ସଂସ୍କାର ଓ ପରମ୍ପରାର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷାବିକାଶ ସମିତିର କୋଷାଧ୍ୟକ୍ଷ ରବୀନ୍ଦ୍ର କୁମାର ଦାଶ, ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ଖୁଣ୍ଟିଆ ଅତିଥି ପରିଚୟ ସହ ଅଭିଭାବକ ଓ ଶିକ୍ଷାପ୍ରେମୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ପାଦକ ଆଇନଜୀବୀ କରୁଣାକର ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶେଷରେ ସଭାପତି ରଜନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆଇନଜୀବୀ ଗତିକୃଷ୍ଣ ଶତପଥୀଙ୍କୁ ନିଶା ବିରୋଧୀ ସଚେତନା ପାଇଁ ସେବା ସମ୍ମାନ, ଅନଙ୍ଗ ମହାପାତ୍ରଙ୍କୁ ଆମ୍ରଲିପି ସମ୍ମାନ ଓ ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ସୂତାରଙ୍କୁ ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଗୁରୁମା ତିଳୋତ୍ତମା ମହାନ୍ତି ଏହାକୁ ସଂଯୋଜନା କରିଥିବା ବେଳେ ସଞ୍ଜୟ ଦାସ, ଗୋପବନ୍ଧୁ ଷଡ଼ଙ୍ଗୀ, ଉଦୟଭାନୁ ମହାପାତ୍ର, ବିପିନ ପତି ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।




ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବରେ ଅତିଥି ଓ ଶିଶୁମାନେ।

# ଗାଁରୁ ସହର ବିକାଶର ଯାତ୍ରା ଅବ୍ୟାହତ



ତଅଁରା ପଞ୍ଚାୟତରେ ଆୟୋଜିତ ସଚେତନା କାର୍ଯ୍ୟକ୍ରରେ ଅତିଥିମାନଙ୍କୁ ସ୍ୱାଗତ କରାଯାଉଛି।

ରଘୁନାଥପୁର, ୧୭।୨ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ତଅଁରା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବଟକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ନମିତା ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଜନକଲ୍ୟାଣଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହା କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନବରତ ପ୍ରଚେଷ୍ଟା ଓ କାର୍ଯ୍ୟକରିବାର ଇଚ୍ଛାଶକ୍ତି ଯୋଗୁ ସମ୍ଭବ ହୋଇପାରିଛି। ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ବିକାଶର ଯାତ୍ରା ଅବ୍ୟାହତ ରହିଛି ବୋଲି ବିଡିଓ ବାରିକ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ, ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ରାଢ଼ଙ୍ଗ ସରପଞ୍ଚ ସୁଶୀଳ କୁମାର ବାରିକ, ସାଦେଇପୁର ସରପଞ୍ଚ ପ୍ରଭାସିନୀ ପ୍ରଧାନ, ଗୁଆଳିପୁର ସରପଞ୍ଚ ମନଜିନି ସାହୁ, ରେଢୁଆ ସରପଞ୍ଚ କିଶୋର ଚନ୍ଦ୍ର ବେହେରା ଓ ପୂରଣ ଓ ସମିତି ସଭ୍ୟା ପ୍ରିୟତମା ରାଉତ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନଙ୍କୁ ବହୁମୁଖୀ ଯୋଜନାର କର୍ଣ୍ଣଧାର ତଥା ବିକାଶମୁଖୀ ରାଜ୍ୟର ବିନ୍ଧାଣି ବୋଲି କହିଥିଲେ। ଓଡ଼ିଶା ମୋ ପରିବାର ଉପଦେଷ୍ଟା ଡ.ସୁରେନ୍ଦ୍ରନାଥ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ସଭାରେ ପୌରୋହିତ୍ୟ କରିଥିଲେ। ସରପଞ୍ଚ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ସଭା ସଞ୍ଚାଳନ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ସାହୁ, ମିହୀର କୁମାର ନାୟକ, ସିଆରସିସି ତରୁଣ କୁମାର ଜେନା, କଳାକାର ତ୍ରିଲୋଚନ ଦ୍ୱିବେଦୀ, ନିରଞ୍ଜନ ମାଣ୍ଡେଇଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି କୁନି ପ୍ରତିଭା, ସ୍ୱାଧୀନତା ସଂଗ୍ରାମୀ, ବରିଷ୍ଠ ନାଗରିକ, ମହିଳା ଗୋଷ୍ଠୀର କର୍ମକର୍ତ୍ତା, ରାଜମିସ୍ତ୍ରୀ ଓ ଖବରଦାତାଙ୍କୁ ସଭାରେ ସମ୍ମାନିତ କରାଯାଇଥିଲା। ଏହାଛଡା ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟଗୀତ ଓ ପାଲା ମାଧ୍ୟମରେ ସରକାରୀ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା।

# ଭାଜପା କାର୍ଯ୍ୟାଳୟ ଉଦ୍‌ଘାଟିତ

କୁଜଙ୍ଗ, ୧୭।୨ (ମନୋଜ ପ୍ରଧାନ)

ଏରସମା ବାଲିକୁଦା ନିର୍ବାଚନ ମଣ୍ଡଳୀରେ ଦଳକୁ ତୃଣମୂଳସ୍ତରରୁ ସୁଦୃଢ କରିବାପାଇଁ ଭାଜପା ଅଣ୍ଟା ଭିଡ଼ିଛି। ଏନେଇ ସବୁ ପଞ୍ଚାୟତରେ ଦଳୀୟ କାର୍ଯ୍ୟାଳୟ ଖୋଲାଯାଇଛି। ଏହି କ୍ରମରେ ଏରସମା ବ୍ଲକ ଅନ୍ତର୍ଗତ ବାଲିତୁଠରେ ଶନିବାର ଭାଜପା ନେତା ସତ୍ୟସାରଥି ମହାନ୍ତି ଜୋନସ୍ତରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମହାନ୍ତି କହିଥିଲେ, ତୃଣମୂଳସ୍ତରରେ ଜନସାଧାରଣଙ୍କ ସମସ୍ୟା ଏହି କାର୍ଯ୍ୟାଳୟରେ ଶୁଣାଯିବା ସହ ତାହାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯିବ। ଏହି ଉଦ୍‌ଘାଟନୀ ଉତ୍ସବରେ ଜିଲା ଉପସଭାପତି ମୋହିତ ମହାନ୍ତି, କୋଷାଧ୍ୟକ୍ଷ ନିର୍ଲିପ୍ତ ଜେନା, ମଣ୍ଡଳ ସଭାପତି ଶାରଦା ଶତପଥୀ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅମିତା ଦାସ, ନାରୀନେତ୍ରୀ ରାଜଲକ୍ଷ୍ମୀ ପଟ୍ଟନାୟକ, ଓବିସି ମୋର୍ଚ୍ଚାର ଜିଲା ସଂଯୋଜକ ନୃସିଂହ ସାହୁ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



କାର୍ଯ୍ୟାଳୟ ଉଦ୍‌ଘାଟନ ଉତ୍ସବରେ ଭାଜପା ନେତା ଓ କର୍ମୀମାନେ।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଟ୍ରାନ୍ସଫରମର୍

ନାଉଗାଁ, ୧୭।୨ (ସୁଧା ବେହୁରା)

ନାଉଗାଁ ବ୍ଲକ ରୋହିଆ ପଞ୍ଚାୟତ ଅନ୍ତର୍ଗତ ରୋହିଆ ଗ୍ରାମରେ ଏକ ବିଦ୍ୟୁତ ଟ୍ରାନ୍ସଫରମର ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଉକ୍ତ ଟ୍ରାନ୍ସଫରମର୍‌କୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ନାଉଗାଁ-ଅରଖକୁଦ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ରୋହିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନିକଟରେ ଏହି ଟ୍ରାନ୍ସଫରମର୍ ରହିଛି। ସେଥିରେ ବ୍ୟବହୃତ ଲୁହା ବିଦ୍ୟୁତ ଖୁଣ୍ଟରେ କଳଙ୍କି ଲାଗି ଗଲାଣି। ଏହାର ଚତୁଃପାର୍ଶ୍ୱ ଖୋଲା ରହିଥିବା ବେଳେ ଟ୍ରାନ୍ସଫରମର୍‌ଟି ରାସ୍ତାଠାରୁ ମାତ୍ର ଅଳ୍ପ ଦୁରରେ ରହିଛି। ଏହି ରାସ୍ତା ଦେଇ ରୋହିଆ, ଅରଖକୁଦ, ଅନନ୍ତପୁରା ଆଦି ଗ୍ରାମର ଲୋକ ଯାତାୟାତ କରନ୍ତି। ଛୋଟ ପିଲାମାନେ ମଧ୍ୟ ଏହି ବାଟ ଦେଇ ବିଦ୍ୟାଳୟକୁ ଯାଇଥାନ୍ତି। ସେହିପରି ଗ୍ରାମରେ ଥିବା ଗୃହପାଳିତ ପ୍ରାଣୀ ରାସ୍ତା ପାର୍ଶ୍ୱରେ ଚରିଥାନ୍ତି। ଯଦି ଅସାବଧାନତା ବଶତଃ କୌଣସି ପିଲା କିମ୍ବା ଗୃହପାଳିତ ପ୍ରାଣୀ ଉକ୍ତ ଟ୍ରାନ୍ସଫରମର ସଂସ୍ପର୍ଶରେ ଆସନ୍ତି ତେବେ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି।

ଅପରପକ୍ଷେ ନାଉଗାଁ -ଅରଖକୁଦ ପୂର୍ତ୍ତ ବିଭାଗ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ବିଭାଗ ପକ୍ଷରୁ ଚାଲୁ ରହିଛି। ରାସ୍ତା ସମ୍ପ୍ରସାରଣ ଓ ପୁନଃ ମରାମତି ହେଲେ ଏହା ଉଚ୍ଚ ହେବା ସହ ଚଉଡା ମଧ୍ୟ ହେବ। ଏପରି ହେଲେ ଉକ୍ତ ଟ୍ରାନ୍ସଫରମର୍ ରାସ୍ତା ମଧ୍ୟରେ ରହିବ। ଫଳରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି କରିବ। ଏହାକୁ ଦୃଷ୍ଟିରେ ରଖି ତୁରନ୍ତ ଟ୍ରାନ୍ସଫରମର୍‌କୁ ସ୍ଥାନାନ୍ତର କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏସମ୍ପର୍କରେ ଟାଟା ପାୱାରର ଲିଡ୍ ମ୍ୟାନେଜର ଦୀପକ ଭୂୟାଁଙ୍କୁ ପଚାରିବାରେ- ଟ୍ରାନ୍ସଫରମର୍‌କୁ ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।



ରାସ୍ତା ପାର୍ଶ୍ୱରେ ଖୋଲାରେ ରହିଥିବା ଟ୍ରାନ୍ସଫରମର୍।

# 'ପ୍ରାନ୍ତୀୟ ଭାଷାରେ ସାରଳା ମହାଭାରତ ଏକମାତ୍ର ପୂର୍ଣ୍ଣାଙ୍ଗ'

ତିର୍ତ୍ତୋଲ, ୧୭।୨ (ଗୌରାଙ୍ଗ ଚରଣ ସ୍ୱାଇଁ)

ମହର୍ଷି ବ୍ୟାସଦେବଙ୍କ ସଂସ୍କୃତରେ ରଚିତ ମହାଭାରତ ଯେଭଳି ପୂର୍ଣ୍ଣାଙ୍ଗ ମହାଭାରତର ପରିଚୟ ପାଇଛି। ସେହିଭଳି ପ୍ରାନ୍ତୀୟ ଭାଷାରେ ରଚିତ ଏହି କାବ୍ୟ ମଧ୍ୟରେ ସାରଳା ଦାସଙ୍କ ରଚିତ ମହାଭାରତ ଏକମାତ୍ର ପୂର୍ଣ୍ଣାଙ୍ଗ ବୋଲି ତାଙ୍କ ଶ୍ରାଦ୍ଧୋତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ତାଙ୍କ ରଚିତ ମହାଭାରତ ଅନ୍ୟ କାହାର ଅନୁସରଣ ନୁହେଁ। ଏଥିରେ ଅନ୍ୟ ମହାଭାରତ ଠାରୁ ବହୁ ଭିନ୍ନ ପ୍ରସଙ୍ଗ ସ୍ଥାନ ପାଇଛି। ଯାହାକି ମା' ଶାରଳାଙ୍କ ଠାରୁ ଆଶିଷ ଲାଭକରି ସେ ରଚନା କରିଛନ୍ତି। ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାରେ ଥିବା ସାରଳା ଦାସଙ୍କ ସମାଧି ପୀଠରେ ଶୁକ୍ରବାର ରାତିରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି।

ମାଘ ଶୁକ୍ଳ ସପ୍ତମୀ ତିଥିରେ ସାରଳା ଦାସ ସାଂସ୍କୃତିକ ପରିଷଦ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ମିଳିତ ଆନୁକୂଲ୍ୟରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ସାହିତ୍ୟିକ ତଥା କଟକ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଇଞ୍ଜିନିୟର ପ୍ରଭାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ଉଦ୍‌ଘାଟକ ତଥା ମୁଖ୍ୟ ଅତିଥିଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ବିରଜା ପ୍ରସନ୍ନ ଶତପଥୀ, ମୁଖ୍ୟବକ୍ତା ପ୍ରଫେସର ଡ. ଚିତ୍ତରଞ୍ଜନ ପଣ୍ଡା, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଗିରିଜାଶଙ୍କର ଶର୍ମା ଓ ଖ୍ୟାତନାମା ବ୍ୟଙ୍ଗକବି ଜ୍ଞାନ ହୋତା ପ୍ରମୁଖ ଯୋଗଦେଇ ସାରଳା ଦାସଙ୍କ କୃତି, ସୃଷ୍ଟିର ବୈଶିଷ୍ଟ୍ୟ ଓ ସ୍ୱତନ୍ତ୍ରତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଡ. ଗାୟତ୍ରୀ ବାଲା ପଣ୍ଡାଙ୍କୁ ଆଦିକବି ସାରଳା ଦାସ ସମ୍ମାନ ୨୦୨୪ ସମ୍ମାନ ପ୍ରଦାନ କରାଯାଇଥିଲା। ନିମନ୍ତ୍ରିତ ଅତିଥିଭାବେ ନାରାୟଣ ପରିଜାଙ୍କ ସାରଳା ସୌରଭ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଝଙ୍କଡ଼ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଗୋଲୋକ ବିହାରୀ ପଲାଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାରଳା ସାହିତ୍ୟ ସଂସ୍କୃତି ଓ ମହିମା ପ୍ରଚାରକ ରମାକାନ୍ତ ରାଉଳ ବେଦପାଠ କରିଥିଲେ। ଅନୁଷ୍ଠାନ ତରଫରୁ ନିମନ୍ତ୍ରିତ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ମାନିତ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ପରିଷଦର ସଭାପତି ବିରଜା ପ୍ରସନ୍ନ ପରିଜା, ସମ୍ପାଦକ ଚିତ୍ତରଞ୍ଜନ ପରିଜା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କର୍ମକର୍ତ୍ତା ଭାଗୀରଥି ପରିଜା, ଜ୍ୟୋତିପ୍ରକାଶ ପରିଜା, ପ୍ରଭାତ ପରିଜା, କ୍ଷେତ୍ରମୋହନ ପରିଜା, ସୂର୍ଯ୍ୟ ନାରାୟଣ ପରିଜା, ପ୍ରଦୀପ୍ତ ପରିଜା ଓ ବିଶ୍ୱରଞ୍ଜନ ପରିଜାଙ୍କ ସହ ସମସ୍ତ ଆଞ୍ଚଳିକ ଅଧିବାସୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। ଏହି ଉପଲକ୍ଷେ ଝଙ୍କଡ଼ ସାହିତ୍ୟ ସଂସଦ ତରଫରୁ ଏକ କବିତା ପାଠୋତ୍ସବ ଓ ସାହିତ୍ୟ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ କବି ସ୍ୱରଚିତ କବିତା ପାଠ କରିଥିଲେ।



ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ଦୁଇ ଗାଡ଼ି ମୁହାଁମୁହିଁ ଧକ୍କା, ୨ ଆହତ**

ଦଶପଲ୍ଲା,( ପ୍ରକାଶ କୁମାର ପାଣି): ଶନିବାର ଦଶପଲ୍ଲା ବ୍ଲକର ଶାଳ ଭଙ୍ଗା ଜଙ୍ଗଲ ନିକଟରେ ଏକ ଟ୍ରକ ଏବଂ ଟାଟା ଏସି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଟାଟା ଏସିରେ ବସିଥିବା ୨ଜଣ ବ୍ୟକ୍ତି ଆହତ ହୋଇଛନ୍ତି । ସେମାନେ ହେଲେ ଟାକବାଲିର ମୋତିଲାଲ ଦିଗାଲ ଏବଂ ମଣ୍ଡାକିଆର ଦେବ୍ରୁଷ ପ୍ରଧାନ । ଉଭୟଙ୍କୁ ଦଶପଲ୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଟ୍ରକଟି ଦଶପଲ୍ଲା ଅଭିମୁଖେ ଆସୁଥିବା ବେଳେ ଟାଟା ଏସି ଫୁଲବାଣୀ ଅଭିମୁଖେ ଯାଉଥିଲା, ଦୁର୍ଘଟଣା ପରେ ଘଟଣାସ୍ଥଳରୁ ଟ୍ରକଟି ଫେରାର ହୋଇଯାଇଥିଲା । ଦଶପଲ୍ଲା ପୋଲିସ ତଦନ୍ତ ଚଳାଇଛି ।

## ସଂକ୍ଷେପରେ

### ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଅନାବରଣ

ଦଶପଲ୍ଲା,୧୭।୨
(ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକର ଘୁଘୁଡିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଉତ୍କଳ ସ୍ୱାଭିମାନ ମଞ୍ଚ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପଠାଣି ସାମନ୍ତ, ଶହୀଦ ଲକ୍ଷ୍ମଣ ନାୟକ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି । ଏହି ଉତ୍ସବରେ ଉତ୍କଳ ସ୍ୱାଭିମାନ ମଞ୍ଚର ସଭାପତି ରାଧାକାନ୍ତ ଦାଶ, ସଭ୍ୟ ବାସୁଦେବ ସାହୁ, ଲକ୍ଷ୍ମୀଧର ସାମନ୍ତରାୟ, ରଘୁନାଥ ସାହୁ, ଅକ୍ଷୟ କୁମାର ସାହୁ, ବୃନ୍ଦାବନ ମହାପାତ୍ର,ବିଘ୍ନେଶ୍ୱର ବେହେରା ଯୋଗ ଦେବା ସହ ମଣ୍ଡଳ ଶିକ୍ଷା ଅଧିକାରୀ ଦଶପଲ୍ଲା ଭକ୍ତ ବିନୋଦ ସଲ, ନଛିପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜିବନୀ ସାମଲ, ସମିତି ସଭ୍ୟା ମାମୀ ପ୍ରଧାନ ଓ ସିଆରସିସି କାଳନ୍ଦୀ ଚରଣ ସାହୁ ନିଜ ନିଜର ଅଭିଭାଷଣରେ ମହାପୁରୁଷଙ୍କ ସ୍ମୃତି ଚାରଣ କରିଥିଲେ଼ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭା କହଁର ଧନ୍ୟବାଦ ଅର୍ପଣ କରିଥିଲେ ।

# ରଣପୁରରେ ଶ୍ରମିକ-କୃଷକଙ୍କ ମିଳିତ ବିକ୍ଷୋଭ



ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ସହର ପରିକ୍ରମା କରୁଛନ୍ତି ।

ରଣପୁର,୧୭।୨
(ସୁକାନ୍ତ କିଶୋର ଡାକୁଆ)

ଦିଲ୍ଲୀ-ହରିୟାଣା ସୀମାରେ କେନ୍ଦ୍ର ଓ ହରିୟାଣା ଭାଜପା ସରକାର କୃଷକ ଆନ୍ଦୋଳନକୁ ଦମନ କରିବାରେ ଲାଗିଛନ୍ତି । ଏହାର ପ୍ରତିବାଦରେ ୨୧ଦଫା ଦାବି ନେଇ ଦେଶ୍ୟାପୀ ହରତାଳ, ଗ୍ରାମୀଣ ଭାରତ ବନ୍ଦରେ ଓଡ଼ିଶାର ଶ୍ରମିକ, କୃଷକ ଏବଂ କର୍ମଚାରୀ ସଙ୍ଗଠନମାନେ ସାମିଲ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ନୟାଗଡ଼ ଜିଲା ରଣପୁରରେ ସଂଯୁକ୍ତ କିଷାନ ମୋର୍ଚ୍ଚା, କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନର ମିଳିତ ମଞ୍ଚ ପକ୍ଷରୁ ଏକ ମିଳିତ ଶୋଭାଯାତ୍ରା ପଞ୍ଚୁଦଳ ପଡ଼ିଆଠାରୁ ବାହାରିଥିଲା । ଏହି ଶୋଭାଯାତ୍ରା ରଣପୁର ବ୍ଲକ ପରିସରରେ ପହଞ୍ଚିବା ପରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନର ନେତୃତ୍ୱ ସତ୍ୟବ୍ରତ ନାୟକ, ସୁରେଶ ସ୍ୱାଇଁ, ନିତ୍ୟାନନ୍ଦ ପରିଡ଼ା, ଶତ୍ରୁଘନ ପାଇକରା, ଦୁଃଶାସନ ଜେନା, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଧ୍ରୁବ ପରିଡ଼ା, ସଂଯୁକ୍ତା ସେଠୀ, ବିଭୁ ମିଶ୍ର, ମିର ଆବୁବାକର ସିଦ୍ଦିକି, ମନୋଜ ମହାପାତ୍ର, ଭିକାରୀ ଚରଣ ସାହୁ, ଅନିଲ ପରିଡ଼ା, ସୁରେଶ ମହାରଣା, ଗଦାଧର ପ୍ରଧାନ, ସୁଶୀଲ ମହାନ୍ତି, ସୁକାନ୍ତି ଜେନା, ମଞ୍ଜୁଲତା ପରିଡା, ମାନସ ମହାପାତ୍ର, ଇପିମାନସିଂହ, ରଜତ ଜେନା ପ୍ରମୁଖ ନେଇଥିଲେ ।

ଶ୍ରମିକ କୃଷକ ନେତାମାନେ ଉଦ୍‌ବୋଧନ ଦେଇ ମୋଦି ସରକାର ଦେଶର ଦୁଇ ଉତ୍ପାଦନକାରୀ ପ୍ରମୁଖ ଶ୍ରେଣୀ ଶ୍ରମିକ-କୃଷକମାନଙ୍କ ଜୀବନ-ଜୀବିକା ଉପରେ ଆକ୍ରମଣ ଜାରି ରଖିଛନ୍ତି । ୪୪ଟି ଶ୍ରମ କଲ୍ୟାଣ ଆଇନକୁ ୪ଟି ଶ୍ରମିକ ବିରୋଧୀ ଶ୍ରମ କୋଡ଼ରେ ପରିଣତ କରିଛନ୍ତି । ଶ୍ରମିକମାନଙ୍କ ଉପରେ କାମର ଅତ୍ୟଧିକ ବୋଝ ସାଙ୍ଗକୁ ଅସ୍ଥିର ଏବଂ ଅନିୟମିତ ନିଯୁକ୍ତି, ଅତି କମ ମଜୁରି ଧାର୍ଯ୍ୟ କରି ଶ୍ରମ ଶକ୍ତିକୁ ଶୋଷଣ କରାଯାଉଛି । ଶ୍ରମିକ ଏବଂ କୃଷକଙ୍କ ଆୟ ବୃଦ୍ଧି ହେଉ ନାହିଁ । ସାଧାରଣ ଜନତାଙ୍କ ଜୀବନ-ଜୀବିକାର ମୂଳ ଏବଂ ମୌଳିକ ପ୍ରସଙ୍ଗକୁ ନ୍ୟୂନ କରାଯାଉଛି । ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ମୂଲ୍ୟ ବୃଦ୍ଧି,ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ଇତ୍ୟାଦି ତୈଳଜାତ ଦ୍ରବ୍ୟର ଲଗାତର ଦରବୃଦ୍ଧିକୁ ଆନ୍ଦୋଳନକାରୀମାନେ ବିରୋଧ କରିଥିଲେ ।

# ଦଶପଲ୍ଲା ଏନ୍‌ଏସି ଉପାଧକ୍ଷଙ୍କ ମାଡ଼ରେ ପୌରଯନ୍ତ୍ରୀ ଆହତ

ନିରାକାରପୁର,୧୭।୨
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ନୟାଗଡ଼ ଜିଲା ଦଶପଲ୍ଲା ଏନ୍‌ଏସି ଉପାଧକ୍ଷ କିଶୋର ଚନ୍ଦ୍ର ଦାଶଙ୍କ ମାଡ଼ରେ ପୌରଯନ୍ତ୍ରୀ ଅଶୋକ ଦଳବେହେରା ଆହତ ହୋଇଛନ୍ତି । ଏନେଇ ଅଶୋକଙ୍କ ଅଭିଯୋଗକ୍ରମେ ଜଙ୍କିଆ ଥାନା ପୋଲିସ ଏକ ମାମଲା (ନଂ.୭୬/୨୪) ରୁଜୁକରି ଘଟଣାର ତଦନ୍ତ ଚଳାଇଛି ।

ଅଭିଯୋଗ ମୁତାବକ, ଦଶପଲ୍ଲା ଏନ୍‌ଏସି ପକ୍ଷରୁ ପୌରଯନ୍ତ୍ରୀଙ୍କ ସମେତ ଏନ୍‌ଏସି କର୍ମକର୍ତ୍ତା ଓ କେତେଜଣ କାଉନସିଲର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ବସ୍‌ରେ ଯାଇଥିଲେ । ସେଠାରୁ ନୂଆଜଗନ୍ନାଥ ସଡ଼କରେ ଫେରୁଥିବା ବେଳେ ଶୁକ୍ରବାର ରାତିରେ ରାମେଶ୍ୱର ଛକରେ ରାତ୍ର ଭୋଜନ ପାଇଁ ଅଟକିଥିଲେ । ହେଲେ ପୌର ଯନ୍ତ୍ରୀ ଦଳବେହେରା ଦେହ ଅସୁସ୍ଥ ଥିବାରୁ ବସ୍ ଭିତରେ ଥିଲେ । ଏହି ସମୟରେ ଉପାଧକ୍ଷ ଦାଶ ବସ୍ ଭିତରକୁ ଆସି ଖାଇବା କଥା କିଏ ବୁଝୁଛି ବୋଲି ପୌରଯନ୍ତ୍ରୀଙ୍କୁ ପଚାରିଥିଲେ । ଏହା ନୋଡାଲ ଅଫିସର ବୁଝୁଛନ୍ତି ଏବଂ ଏଠାରେ ୩ ନମ୍ବର କାଉନସିଲର ବୁଝୁଛନ୍ତି ବୋଲି ପୌରଯନ୍ତ୍ରୀ କହିଥିଲେ । ଏହା ପରେ ଉପାଧକ୍ଷ ଦାଶ ମୋତେ ଭଡ଼ାଦିଅ ପଳାଇଯିବି ବୋଲି କହିଥିଲେ । ଏହାପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉପାଧକ୍ଷ ଦାଶ ଉତ୍କ୍ଷିପ୍ତ ହୋଇ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ବୋଲି ପୌରଯନ୍ତ୍ରୀ ଦଳବେହେରା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି । ଏନେଇ ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞା ରତ୍ନମ୍ବରା କର କହିଛନ୍ତି, ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଛି । ଘଟଣାର ତଦନ୍ତ ଜାରି ରହିଛି । ଅନ୍ୟପକ୍ଷରେ ଏନେଇ ଉପାଧକ୍ଷ ଦାଶଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ ।

# ଜଙ୍ଗଲରୁ ମହିଳାଙ୍କ ମୃତଦେହ ଜବତ

ରଣପୁର,୧୭।୨(ସୁକାନ୍ତ କିଶୋର ଡାକୁଆ)

ରଣପୁର ଥାନା ବୃନ୍ଦାବନପୁର ଗ୍ରାମପଞ୍ଚାୟତ ଘାଟି ବିନୋଦପଡ଼ା ଜଙ୍ଗଲ ଡୋଲାବନ୍ଧ ହୁଡାତଳେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିଲା । ମୃତକଙ୍କ ବୟସ ପ୍ରାୟ ୪୦ରୁ ୫୦ ହେବ । ଶନିବାର ଅପରାହ୍ନରେ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇ ଥିବା ବିନୋଦପଡ଼ା ଗ୍ରାମର ଗାଈଚରାଳି ମହିଳାଙ୍କ ମୃତଦେହ ଦେଖି ଗ୍ରାମବାସୀଙ୍କୁ କହିଥିଲେ । ଗ୍ରାମବାସୀ ଏ ସଂକ୍ରାନ୍ତରେ ରଣପୁର ଥାନାକୁ ଖବର ଦେବାପରେ ପୋଲିସ ତଦନ୍ତ ଆରମ୍ଭ କରିଛି । ମୃତ ମହିଳାଙ୍କ ପରିଚୟ ମିଳିପାରିନାହିଁ । କେହି ମହିଳାଙ୍କୁ ହତ୍ୟା କରିବା ପରେ ଜଙ୍ଗଲରେ ମୃତଦେହ ପକାଇ ଦେଇଥିବା ଅନୁମାନ କରାଯାଉଛି ।

# ସରପୋଖରୀରେ ବିଶ୍ୱଶାନ୍ତି ଗୀତାଯଜ୍ଞ


ବିଶ୍ୱଶାନ୍ତି ଗୀତା ଯଜ୍ଞ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା ।

ଖଣ୍ଡପଡ଼ା,୧୭।୨
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଗଡିଆସାହି ପଞ୍ଚାୟତର ସରପୋଖରୀ ଗ୍ରାମର ଆରାଧ୍ୟ ଶ୍ରୀ ବଟେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମହିଳା ଓ ପୁରୁଷ ସଂକୀର୍ତ୍ତନ ମଣ୍ଡଳୀ ସହ ଶ୍ରଦ୍ଧାଳୁମାନଙ୍କ ଗହଣରେ ୧୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ନିକଟସ୍ଥ କୁଆଁରିଆ ନଦୀରୁ କଳସୀରେ ଜଳ ଆଣି ଯଜ୍ଞବେଦୀରେ ସ୍ଥାପନ କରିଥିଲେ । ପରେ ପୂର୍ବାହ୍ନ ୭ଟାରେ ସୂର୍ଯ୍ୟପୂଜା ଓ ସାଢେ ୯ଟାରେ ଯଜ୍ଞ କାର୍ଯ୍ୟ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୁରୋଧା ଭାବେ ସଦାଶିବ ମିଶ୍ର, ଅଶୋକ ଦାଶ, ରାଜକିଶୋର ଦାଶ ପ୍ରମୁଖ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କାଦୁଆ, କୁଞ୍ଜବେଲି, ମାଧବେରେଣୀ, ଗୋପୀନାଥପୁର, ରାକେସିଆ, ସେରେଜଙ୍ଗ ଆଦି ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ ।

## ଦିବାରାତ୍ର ଭଲି ଟୁର୍ନାମେଣ୍ଟ

# ମାଣିଆବନ୍ଧ ଟିମ୍ ଚାମ୍ପିୟନ

ଖଣ୍ଡପଡ଼ା,୧୭।୨
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଡିବିଏସ କ୍ଲବ ଆନୁକୂଲ୍ୟରେ ଶୁକ୍ରବାର ଅପରାହ୍ନ ୩ଟାରେ ସିଧାମୂଳା ପ୍ରାଥମିକ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଆୟୋଜିତ ଆନ୍ତଃଜିଲା ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଶନିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଡ.ପ୍ରସନ୍ନ କୁମାର ପାଟଶାଣୀ ଓ ବିଶିଷ୍ଟ ଅତିଥି ଭାବେ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଖେଳାଳୀ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ କଟକ, ମାଣିଆବନ୍ଧ, ଗୋଡିଝରିଆ, ସାଗର, ଯାଜପୁର, କୋସକା, ବାସେଳିହତା, ଓଗାଳପୁର, କଣ୍ଟିଲୋ, ସିଧାମୂଳା, କାକୁଡିଆ, ଫୁଲପଦା, ବାରବାଟି, ଓଡିଶିଙ୍ଗା, ବାଲିସାହି ଓ ନୂଆପଡା ଆଦି ୧୬ଟି ଦଳ ଭାଗ ନେଇଥିଲେ । ଫାଇନାଲ ମ୍ୟାଚରେ ସିଧାମୂଳା ଓ ମାଣିଆବନ୍ଧ ଭଲିକ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ମାଣିଆବନ୍ଧ ଦଳ ୨-୧ ସେଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ଏହି କାର୍ଯ୍ୟକ୍ରମରେ ଅତିଥିମାନେ ବିଜୟୀ ଚାମ୍ପିୟନ ଦଳକୁ ୪ ହଜାର ଟଙ୍କା ଅର୍ଥରାଶି ସହ ଟ୍ରଫି ଓ ରର୍ନସ୍ ଅପ ଦଳ ୨ହଜାର ୫ଶହ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ଅଶୋକ କୁମାର ପ୍ରଧାନ, ବାବୁଲା କୁମାର ଦଳେଇ ଖେଳକୁ ପରିଚାଳନା କରିଥିଲେ । ଲାଇନ୍ସରେ ରାଜେଶ କୁମାର ମନ୍ତ୍ରୀ ଓ ଯୋଗେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ପୂର୍ତ୍ତ ବିଭାଗ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ



ନୂଆଗାଁ, ୧୭।୨ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ମହିପୁରଠାରୁ ବାଲୁଗାଁ ରାସ୍ତାର ଉନ୍ନତୀକରଣ କାମ ଚାଲିଥିବା ବେଳେ ରାସ୍ତାରୁ ବିଦ୍ୟୁତ୍ ଖୁଣ୍ଟ ନ ହଟାଇ ରାସ୍ତାରେ କଙ୍କ୍ରିଟ କାମ ହୋଇଛି । ଫଳରେ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଠିଆ ହୋଇ ରହିଥିବାରୁ ତାହା ବିପଦ ସୃଷ୍ଟି କରୁଛି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହେଉଛି । ନୂଆଗାଁ ବ୍ଲକ ମହିପୁରଠାରୁ ବାଲୁଗାଁ ଯାଇଥିବା ପୂର୍ତ୍ତ ବିଭାଗ(ପିଡବ୍ଲ୍ୟୁଡି) ରାସ୍ତାର ଉନ୍ନତୀକରଣ ପାଇଁ ସରକାର ୧୯.୭୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ସେହି ରାସ୍ତାର ଉନ୍ନତୀକରଣ ପାଇଁ ଟେଣ୍ଡର ମାଧ୍ୟମରେ ଠିକାସଂସ୍ଥାକୁ କାମ କରିବା ଦାୟିତ୍ୱ ଦିଆଯାଇଛି । ପୂର୍ବରୁ ଥିବା ରାସ୍ତାକୁ ଚଉଡା କରି କେଉଁଠି ପିଚୁ ତ ଆଉ କେଉଁଠି କଙ୍କ୍ରିଟ ରାସ୍ତା ନିର୍ମାଣ କରିବାର ନିର୍ଦ୍ଦେଶ ରହିଛି । ତେବେ ନିୟମ ଅନୁସାରେ କାମ ଆରମ୍ଭ କରିବା ପୂର୍ବରୁ

**ଅଭିଯୋଗ ପରେ ବି ହଟିଲାନି**

ରାସ୍ତା ନିର୍ମାଣ ହେବାକୁ ଥିବା ସ୍ଥାନଗୁଡିକୁ ସମ୍ପୂର୍ଣ୍ଣ ଖୋଲା କରି କାମ କରିବା କଥା । କିନ୍ତୁ ଅନେକ ସ୍ଥାନରେ କଙ୍କ୍ରିଟ ରାସ୍ତା ନିର୍ମାଣ ଶେଷ ହୋଇଥିଲେ ମଧ୍ୟ ରାସ୍ତାରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ବାହାର କରାଯାଇ ନାହିଁ । ଯାହାଫଳରେ ବିଦ୍ୟୁତ୍ ଖୁଣ୍ଟଗୁଡିକ ରାସ୍ତା ମଝିରେ ରହି ବିପଦ ସୃଷ୍ଟି କରୁଛି । ଏପରିକି କେତେକ ସ୍ଥାନରେ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ରହିଥିବା ବେଳେ ରାସ୍ତାକୁ ଲାଗି ରହିଛି ବିରାଟ ନିମ ଗଛ । ସେଠାରେ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି । ଏ ସମସ୍ୟା ସଂକ୍ରାନ୍ତରେ ପିଡବ୍ଲ୍ୟୁଡି ନିର୍ବାହୀ ଯନ୍ତ୍ରୀ ସଞ୍ଜୀବ କୁମାର ବେହେରାଙ୍କୁ ଅଭିଯୋଗ କରିବାରେ ବିଦ୍ୟୁତ୍ ଖୁଣ୍ଟ ଯଥାଶୀଘ୍ର ବାହାର କରାଯିବ ବୋଲି କହିଥିଲେ । କିନ୍ତୁ ଦୀର୍ଘ ଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି ସେମିତି ରହିଛି । ବିଦ୍ୟୁତ୍ ଖୁଣ୍ଟ ବାବଦରେ ପୁନର୍ବାର ପଚାରିବାରେ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ନିର୍ବାହୀ ଯନ୍ତ୍ରୀ ବେହେରା କହିଛନ୍ତି ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ୧୦ ବର୍ଷ ଜେଲ

ନୟାଗଡ଼,୧୭।୨(ଲୋକନାଥ ମିଶ୍ର)

**ଅଡ଼ାଲ ବଧୂହତ୍ୟା ମାମଲା**

ନୟାଗଡ଼ ଜିଲା ଜଜ କୋର୍ଟରେ ଶୁକ୍ରବାର ରଣପୁର ଥାନା ଅଡାଲ ଗାଁର ସୋନାଲି ପାତ୍ର ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି । ସାକ୍ଷ, ପ୍ରମାଣ, ସରକାରୀ ଓକିଲ ଓ ପ୍ରତିପକ୍ଷ ଓକିଲଙ୍କ ଯୁକ୍ତିକୁ ବିଚାର କରି ଜିଲା ଜଜ୍ ଆନନ୍ଦ ନାରାୟଣ ମହାପାତ୍ର ସ୍ତ୍ରୀ ହତ୍ୟାକାରୀ କେ. ବାଳକୃଷ୍ଣ ପାତ୍ରଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦୟେ ଅଧିକ ୨ବର୍ଷ ଦଣ୍ଡର ନିର୍ଦ୍ଦେଶ ରହିଛି ।

ପ୍ରାପ୍ତ ସୂଚନା ଅନୁସାରେ ଖୋର୍ଦ୍ଧା ଟାଉନ ଥାନା ଲୋକେଶ୍ୱରପୁରର ବିଜୟ ଲକ୍ଷ୍ମୀ ପାତ୍ର ଓ କେ. ରାଜାରାମ ପାତ୍ରଙ୍କ ଝିଅ ସୋନାଲି ପାତ୍ର(୨୧) ୨୦୧୮ ଜୁଲାଇ ୧୫ରେ ନୟାଗଡ ଜିଲା ରଣପୁର ଥାନା ଅଡାଲ ଗାଁର କେ. ଶଙ୍କର ପାତ୍ରଙ୍କ ପୁଅ ବାଳକୃଷ୍ଣ(୨୮)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ସମୟରେ ବର ପକ୍ଷର ଦାବି ମୁତାବକ ଯୌତୁକ କନ୍ୟା ଘର ପକ୍ଷରୁ ଦିଆଯାଇଥିଲା । ବିବାହର କିଛି ବର୍ଷ ଏହି ଦମ୍ପତି ଭଲରେ ଚଳିଥିଲେ । ପରେ ଅଧିକ ଯୌତୁକକୁ ନେଇ ସୋନାଲି ଉପରେ ମାନସିକ ଓ ଶାରୀରିକ ନିର୍ଯାତନା ଦିଆଯାଇଥିଲା । ସୋନାଲି ନିର୍ଯାତନାରେ ଅତିଷ୍ଠ ହୋଇ ଶାଶୁ ଘର ଛାଡି ଖୋର୍ଦ୍ଧାରେ ରହୁଥିଲେ । ୨୦୨୧ ଫେବୃଆରୀ ମାସରେ ଶାଶୁ ଘର ପକ୍ଷରୁ ବୋହୂକୁ ଘରକୁ ଡକା ଯାଇଥିଲା । ଭଦ୍ରଲୋକଙ୍କ ଜରିଆରେ ସମାଧାନ ହେବାରୁ ସୋନାଲିଙ୍କୁ ବାପା କେ. ରାଜାରାମ ୨୦୨୧ ଫେବୃଆରୀ ୧୦ରେ ଶାଶୁ ଘରେ ଛାଡି ଯାଇଥିଲେ । ଶାଶୁ ଘରେ ଛାଡିବାର ୨ୟ ଦିବସରେ ୨୦୨୧ ଫେବୃଆରୀ ୧୨ରେ ସୋନାଲି ଆତ୍ମହତ୍ୟା କରିଥିବାର ଖବର ଶାଶୁ ଘର ପକ୍ଷରୁ ଦିଆଯାଇଥିଲା । କେ. ରାଜାରାମଙ୍କ ପରିବାର ଲୋକ ଅଡାଲରେ ପହଞ୍ଚିବା ବେଳକୁ ସ୍ୱାମୀ, ଶ୍ୱଶୁର ଫେରାର ହୋଇ ଯାଇଥିଲେ । ବାପ ଘରୁ ଆସିବାର ୨ୟ ଦିବସରେ ସୋନାଲି ଆତ୍ମହତ୍ୟା କରିବା ଓ ଶାଶୁ ଘର ଲୋକ ଫେରାର ହେବା ଘଟଣା ହତ୍ୟା ଘଟଣାର ସନ୍ଦେହ ସୃଷ୍ଟି କରିଥିଲା । ସୋନାଲିଙ୍କ ମା' ଏନେଇ ରଣପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୩୦୨, ୪୯୮(ଏ), ୩୦୪(ଡି), ୪ଡିପି ଆକ୍ଟ ଦଫାରେ ୨୫/୨୦୨୧ରେ ମାମଲା ରୁଜୁ କରିଥିଲା । ପରେ ସ୍ୱାମୀ କେ. ବାଳକୃଷ୍ଣ ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କେ. ବାଳକୃଷ୍ଣ କିଛି ମାସ ଜେଲରେ ରହିବା ପରେ ଜାମିନରେ ଥିଲେ । କୋର୍ଟ ରାୟ ପରେ ପୁଣି ଜେଲ ଯିବାକୁ ପଡିଛି । ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରୋସିକ୍ୟୁଟର ବିଷ୍ଣୁ ପ୍ରସନ୍ନ ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ ।

# ନୀଳମାଧବ କ୍ଷେତ୍ରକୁ ଗଡ଼ିଲା ଲକ୍ଷ୍ମୀବସ୍

ଖଣ୍ଡପଡ଼ା,୧୭।୨ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହର ଉମାଦେବୀ ଛକରେ ନବ ନିର୍ମିତ ଆମ ବସଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ ହେବା ପରେ ଶନିବାରଠାରୁ ଉକ୍ତ ବସଷ୍ଟାଣ୍ଡରୁ ୨ଟି ଲକ୍ଷ୍ମୀବସ ବିଭିନ୍ନ ପଞ୍ଚାୟତକୁ ଯାତ୍ରା ଆରମ୍ଭ କରିଛି । ୨ଟି ବସ ମଧ୍ୟରୁ ଗୋଟିଏ ବସ ଖଣ୍ଡପଡ଼ାରୁ ବାହାରି ଖଳିସାହି, ମର୍ଦ୍ଦରାଜପୁର, ବେଣାଗାଡିଆ ପଞ୍ଚାୟତ ଦେଇ କଣ୍ଟିଲୋ ଶ୍ରୀ ନୀଳମାଧବ କ୍ଷେତ୍ରକୁ ଯାତ୍ରା କରିଥିବା ବେଳେ ଅନ୍ୟ ଗୋଟିଏ ବସ ଖଣ୍ଡପଡ଼ାରୁ ଖଳିସାହି, ସିଂଘାପଡା, ଗଡିଆସାହି, କିଆଝରି, କୋସକା, ରୟତଢୋଲମରା, କୁମ୍ଭାରପଡା ପଞ୍ଚାୟତ ଦେଇ ଖଣ୍ଡପଡା ସୀମାନ୍ତ ବଳଭଦ୍ରପ୍ରସାଦ ପଞ୍ଚାୟତକୁ ଯାତାୟତ କରିଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ସୁଲଭ ମୂଲ୍ୟରେ ଯାତ୍ରୀମାନେ ବିଭିନ୍ନ ସ୍ଥାନକୁ ଯାତ୍ରା କରି ବେଶ ଆନନ୍ଦ ଅନୁଭବ କରିଥିବା ବେଳେ ଗମନା ଗମନ କ୍ଷେତ୍ରରେ ଏହି ଲକ୍ଷ୍ମୀବସ ସେବା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ ବୋଲି ସାଧାରଣରେ ଆଲୋଚନା ହେଉଛି ।

# ରଙ୍ଗଣିପାଟଣା ଟିମ୍ ବିଜୟୀ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ।

ଶରଣକୁଳ,୧୭।୨ (ଦୀପକ କର)

**ମା' ରତ୍ନମାଳା କପ୍-୨୦୨୪ କ୍ରିକେଟ**

ଶରଣକୁଳ ନିକଟବର୍ତ୍ତୀ ପଞ୍ଚିରିଡା ମାନପୁରସ୍ଥ ଲୋକ ନୋଡ଼ାଲ ବିଦ୍ୟାପୀଠରେ ଶନିବାର ମଧୁସୂଦନ ଯୁବକ ସଂଘ, ଖଳିପାଟଣା ତରଫରୁ ଜିଲାସ୍ତରୀୟ ମା' ରତ୍ନମାଳା କପ୍ କ୍ରିକେଟ ଟୁର୍ନାମେଣ୍ଟରର ଦ୍ୱିତୀୟ ଦିବସର ମ୍ୟାଚ୍‌ରେ ରଙ୍ଗଣିପାଟଣା ଦଳ ୧୭ ରନରେ ବିଜୟ ହାସଲ କରିଛି । ଆଜିର ମ୍ୟାଚ୍ ରଙ୍ଗଣିପାଟଣା ଓ ଖଳିପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆରସିଏ, ରଙ୍ଗଣିପାଟଣା ଦଳ ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୪୪ ରନ ସଂଗ୍ରହ କରିଥିଲା । ରଙ୍ଗଣିପାଟଣା ତରଫରୁ ତିଲକ ସର୍ବାଧିକ ୫୨ରନ ବ୍ୟକ୍ତିଗତ ଭାବେ ସଂଗ୍ରହ କରିଥିଲେ । ଜବାବରେ ଖଳିପାଟଣା ଦଳ ନିର୍ଦ୍ଧାରିତ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୨୭ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ରଙ୍ଗଣିପାଟଣାର ରିଙ୍କୁ ୫ଟି ଉକେଟ ଅକ୍ତିଆର କରି ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ଗ୍ରହଣ କରିଥିଲେ । ଆଜି ମୁଖ୍ୟ ଅତିଥି ଭାବେ ପ୍ରମୋଦ ସ୍ୱାଇଁ, ପ୍ରଭାତ କୁମାର କର, ଲୋଚନ ଜେନା, ଖଳିପାଟଣା ଗ୍ରାମ ସଭାପତି ଯୋଗଗୁରୁ ବୈକୁଣ୍ଠ ନାଥ ପ୍ରଧାନ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ଆମ୍ପାୟାର ଭାବେ ଆଲୋକ ପ୍ରଧାନ, ସୁବ୍ରତ କର ଓ ତୃତୀୟ ଆମ୍ପାୟାର ଭାବେ ନୃସିଂହ ଚରଣ ସ୍ୱାଇଁ ଖେଳ ପରିଚାଳନା କରିଥିଲେ । ସଂଘର ସଭାପତି ଅଜିତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ମାର୍ଚ୍ଚ ୧ରୁ ରାଜ୍ୟସ୍ତରୀୟ ନାଟ୍ୟମେଳା

ନୟାଗଡ଼,୧୭।୨(ଲୋକନାଥ ମିଶ୍ର)

**ପ୍ରସ୍ତୁତି ବୈଠକରେ ନାଟ୍ୟସୂଚୀ ପ୍ରକାଶିତ**



ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର କର୍ମକର୍ତ୍ତା ।

ନୟାଗଡ଼ ସହରର ନାଟ୍ୟଧାରା ଏବଂ ଜିଲା ସଂସ୍କୃତି ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ମାର୍ଚ୍ଚ ୧ ରୁ ୭ ପର୍ଯ୍ୟନ୍ତ ଦୀର୍ଘ ୭ଦିନ ବ୍ୟାପୀ ରାଜ୍ୟସ୍ତରୀୟ ନାଟ୍ୟମେଳା ପଠାଣି ସାମନ୍ତ ଅଡିଟୋରିୟମଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏଥି ନିମନ୍ତେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ସ୍ଥାନୀୟ ମହର୍ଷି ବିଦ୍ୟାମନ୍ଦିର ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ନାଟ୍ୟଧାରା ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର ଏବଂ ନାଟ୍ୟ ନିର୍ଦ୍ଦେଶକ ବିଜୟ କୁମାର ଚୌଧୁରୀ ବିଗତ ୩ ବର୍ଷ ନାଟକୋତ୍ସବର ଅଭୂତପୂର୍ବ ସଫଳତା ତଥା ଦର୍ଶକୀୟ ଆଦୃତି ସମ୍ପର୍କରେ ଆଲୋଚନା କରିଥିଲେ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ନାଟ୍ୟନୁଷ୍ଠାନମାନ ସେମାନଙ୍କ ନାଟକ ପରିବେଷଣ କରିବେ ବୋଲି ସୂଚନା ଦିଆଯାଇଥିଲା ।

ମାର୍ଚ୍ଚ ୧ ଉଦ୍‌ଘାଟନୀ ସନ୍ଧ୍ୟାରେ ନାଟ୍ୟଧାରା ନୟାଗଡ଼ ପକ୍ଷରୁ ଅରିନ୍ଦମ ମିଶ୍ରଙ୍କ ରଚିତ ଏବଂ ବିଜୟ ଚୌଧୁରୀଙ୍କ ନିର୍ଦ୍ଦେଶିତ ନାଟକ 'ଅରୁପାରୁପା' ମଞ୍ଚସ୍ଥ ହେବ । ମାର୍ଚ୍ଚ ୨ରେ ସମ୍ବଲପୁର କଲଚରାଲ ଆସୋସିଏଶନ ପକ୍ଷରୁ ଆଶିଷ କୁମାର ସୋନାରଙ୍କ ରଚିତ ଏବଂ ସତ୍ୟରଞ୍ଜନ ବେହେରାଙ୍କ ନିର୍ଦ୍ଦେଶିତ ନାଟକ 'କେଡ଼ା', ମାର୍ଚ୍ଚ ୩ରେ ଓମ୍ ନାଟ୍ୟ ସଂସ୍ଥା ବାରିପଦା ପକ୍ଷରୁ ସଞ୍ଜୟ ହାତୀଙ୍କ ରଚିତ ଏବଂ ଏବଂ ଧୀର ବସାଙ୍କ ନିର୍ଦ୍ଦେଶିତ ନାଟକ 'ମଞ୍ଚମାୟା 'ନାଟକ ମଞ୍ଚସ୍ଥ ହେବ । ସେହିଭଳି ମାର୍ଚ୍ଚ ୪ରେ ପଞ୍ଚଧ୍ୱନୀ ନାଟ୍ୟ ପରିଷଦ ଭୁବନେଶ୍ୱର ପକ୍ଷରୁ ପଞ୍ଚାନନ ଦାଶଙ୍କ ରଚିତ ଏବଂ କରୁଣାକର ସାମଲଙ୍କ ନିର୍ଦ୍ଦେଶିତ ନାଟକ ପଶାପାଲି, ମାର୍ଚ୍ଚ ୫ରେ ଚମତ୍କାର ନୟାଗଡ଼ ପକ୍ଷରୁ ଗଦାଧର ନନ୍ଦଙ୍କ ରଚିତ ଏବଂ ବିଜୟ ଚୌଧୁରୀଙ୍କ ନିର୍ଦ୍ଦେଶିତ ନାଟକ ପତିତପାବନ ବାନା ଆଉ କେତେ ବେଳକୁ, ମାର୍ଚ୍ଚ ୬ରେ ଥିଏଟର ମାରାଥନ କଟକ ପକ୍ଷରୁ ଉମେଶ ଦାଶଙ୍କ ରଚିତ ଏବଂ ନିର୍ଦ୍ଦେଶିତ ନାଟକ ମହାପାପ ଏବଂ ମାର୍ଚ୍ଚ ୭ ଅନ୍ତିମ ଦିବସରେ କଳାକାର ନାଟ୍ୟ ସଂସ୍ଥା ଅନୁଗୋଳ ପକ୍ଷରୁ ଶିବ କୁମାର ରଥଙ୍କ ରଚିତ ଏବଂ କୃଷ୍ଣ ଚନ୍ଦ୍ର ଦାଶଙ୍କ ନିର୍ଦ୍ଦେଶିତ ନାଟକ ଶୃଙ୍ଖଳା ସମୁଦ୍ର ମଞ୍ଚସ୍ଥ ହେବ । ପ୍ରତିଦିନ ସନ୍ଧ୍ୟା ୭ ଘ. ୩୦ରେ ଆରମ୍ଭ ହେବାକୁ ଥିବା ନାଟକ ଗୁଡିକ ଥିଏଟର ଶୈଳୀରେ ପ୍ରଦର୍ଶିତ ହୋଇ ସର୍ବାଧିକ ୨ ଘଣ୍ଟା ଅବଧି ମଧ୍ୟରେ ଶେଷ ହେବ । ନାଟକ ସମୂହ ସାଂପ୍ରତିକ ସମାଜ ଭିତ୍ତିକ ହୋଇ ଦର୍ଶକୀୟ ଆଦୃତି ଲାଭ କରିବ ବୋଲି ମତ ପ୍ରକାଶ ପାଇଥିଲା ।

# ଗାଁକୁ ଚାଲ ଅଭିଯାନ



ଭାଜପା ନେତା ହିମାଂଶୁ ଶେଖର ସାହୁ କର୍ମୀଙ୍କ ସହ ଗ୍ରାମ ପରିକ୍ରମା କରୁଛନ୍ତି।

**ଜେନାପୁର,୧୭।୨(ଅଶୋକ ଦାସ):**

ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ୧୧ ନମ୍ବର ଜୋନର କବାଟବନ୍ଧ ଏବଂ ମଧୁସୂଦନପୁର ପଞ୍ଚାୟତରେ ଭାଜପା ନେତା ହିମାଂଶୁ ଶେଖର ସାହୁଙ୍କ ନେତୃତ୍ୱରେ ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଯାଇଛି। ଏନେଇ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେରେ ଶତାଧିକ କର୍ମୀ ଏବଂ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ବରାହନାଥ ପ୍ରକଳ୍ପରେ ଅନିୟମିତତା

**ଯାଜପୁର,୧୭।୨(ହର୍ଷବର୍ଦ୍ଧନ ବେହେରା)**

■ ୧ ଫୁଟ ମାଟି ଖୋଳି ସୁରକ୍ଷା ପାଚେରି ନିର୍ମାଣ

■ ନିମ୍ନମାନର ବାଲି, ମାଟି, ମୋରମ ବ୍ୟବହାର

■ ଆଖି ବୁଜିଦେଇଛନ୍ତି ପୂର୍ତ୍ତ ବିଭାଗ ଯନ୍ତ୍ରୀ

ଐତିହ୍ୟ ଓ ଇତିହାସକୁ ନେଇ ଗର୍ବ କରନ୍ତି ଯାଜପୁର ଜିଲାବାସୀ। ଏଠାକାର କୀର୍ତ୍ତି ଓ ସଂସ୍କୃତିକୁ ନେଇ ତିଆରି ହେଉଛି ସାଂସ୍କୃତିକ ପରିଚୟ। ସେଥିମଧ୍ୟରୁ ଜିଲାର ଅବିସ୍ମରଣୀୟ କୀର୍ତ୍ତି ତଥା ଅତି ପ୍ରାଚୀନ ବରାହନାଥ ମନ୍ଦିର ଅନ୍ୟତମ। ଦୀର୍ଘ ବର୍ଷ ଧରି ଏହି ମନ୍ଦିର ଅବହେଳିତ ହୋଇ ପଡ଼ିରହିଥିଲା। ସ୍ଥାନୀୟ ନେତୃମଣ୍ଡଳୀଙ୍କ ଆଗ୍ରହ ଓ ଆନ୍ତରିକତା ଯୋଗୁ ଏବେ ଏହାର ନବେକଳେବର କାର୍ଯ୍ୟ ଚାଲିଛି। ବରାହ ଦ୍ୱୀପରେ ନିର୍ମାଣାଧୀନ ୧୮୩ ଫୁଟ ଉଚ୍ଚତା ବିଶିଷ୍ଟ ଧ୍ୟାନମଗ୍ନ ଶିବ ମୂର୍ତ୍ତି ପର୍ଯ୍ୟଟକଙ୍କ ପାଇଁ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଏହାବାଦ୍ ମ୍ୟୁଜିୟମ, ଟୁରିଷ୍ଟ ସ୍ୱଟ୍, ଟୁରିଷ୍ଟ ଅଫିସ, ଶିବ ଗ୍ୟାଲେରି, କଲ୍‌ଚରାଲ ସେଣ୍ଟର ଇତ୍ୟାଦି କାର୍ଯ୍ୟ ପାଇଁ ୨୦୧୯-୨୦ରୁ ଆଜି ପର୍ଯ୍ୟନ୍ତ ସମୁଦାୟ ୩୫.୫୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଯାଜପୁର ଜିଲା ଆର୍‌ଆଣ୍ଡବି(ପୂର୍ତ୍ତ ବିଭାଗ) ଡିଭିଜନର ତଦାରଖରେ ଏହିସବୁ କାର୍ଯ୍ୟ ଚାଲିଛି। ହେଲେ ସମ୍ପୃକ୍ତ ଯନ୍ତ୍ରୀ ସମସ୍ତ କାର୍ଯ୍ୟ ଠିକାସଂସ୍ଥା ଉପରେ ଦାୟିତ୍ୱ ନ୍ୟସ୍ତ କରି କ୍ଷେତ୍ର ପରିଦର୍ଶନରେ ପ୍ରାୟ ଯାଉନାହାନ୍ତି। ଏହାର ସୁଯୋଗରେ ଠିକାସଂସ୍ଥା କର୍ତ୍ତୃପକ୍ଷ ଏବଂ କେତେକ ପେଟି କଣ୍ଟ୍ରାକ୍ଟର ଅତି ନିମ୍ନମାନର ବାଲି, ଗେଟି, ମୋରମ ଆଦି ନିମାଣ ସାମଗ୍ରୀ ବ୍ୟବହାର ସହ ସୁରକ୍ଷା ପାଚେରି ନିର୍ମାଣରେ ବ୍ୟାପକ ଦୁର୍ନୀତି କରୁଥିବା ଅଭିଯୋଗ ହେଉଛି। ଏଭଳି କାର୍ଯ୍ୟ ଜାରି ରହିଲେ ୨୦୧୫ ଡିସେମ୍ବରରେ ନିର୍ମାଣାଧୀନ କୁସୁମା ପୋଖରୀର ସୁରକ୍ଷା ପାଚେରୀ ଭୁଶୁଡ଼ିବା ଭଳି ପରିସ୍ଥିତି ସୃଷ୍ଟି ହେବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଯାଜପୁର ଉପକଣ୍ଠ ବୈତରଣୀ କୂଳରେ ବରାହନାଥ ମନ୍ଦିର ରହିଛି। ଏହି ମନ୍ଦିରକୁ ଲାଗି ବିସ୍ତୀର୍ଣ୍ଣ ଦ୍ୱୀପାଞ୍ଚଳରେ ବହୁ ଯାନିଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଏହାସହ ବରାହନାଥ ପୀଠ ସଂଲଗ୍ନ ବୈତରଣୀ ତୀର୍ଥକୂଳରେ ସ୍ୱର୍ଗଦ୍ୱାର ଓ ମହାଶ୍ମଶାନ ରହିଛି। ତେଣୁ ଏହାର ସୌନ୍ଦର୍ଯ୍ୟକରଣ ଓ ବିକାଶ ପାଇଁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲା।



ପ୍ରକଳ୍ପ କାର୍ଯ୍ୟରେ ବାଲି ବଦଳରେ ମାଟିମିଶା ମୋରମ୍ ବ୍ୟବହାର କରାଯାଉଛି।

ଏହି କ୍ରମରେ ସାଂସ୍କୃତିକ କେନ୍ଦ୍ର ଶିବଙ୍କ ମୂର୍ତ୍ତି ନିର୍ମାଣ ପାଇଁ ୨ କୋଟି, ମେଗା ଡେଷ୍ଟିନେଶନ ଟୁରିଷ୍ଟ ସ୍ୱଷ୍ଟ ପାଇଁ ୨ କୋଟି, ମ୍ୟୁଜିୟମ ଓ ଟୁରିଷ୍ଟ ଅଫିସ ପାଇଁ ୨୫ ଲକ୍ଷ, ବରାହପୀଠରେ ଉଦ୍ୟାନ ଓ ଐତିହାସିକ ଉଦ୍ୟାନ ଲାଗି ୧ କୋଟି, ମ୍ୟୁଜିୟମ ଓ ଟୁରିଷ୍ଟ ଅଫିସ୍‌ର ଭିତର ପାର୍ଶ୍ୱ ସମସ୍ତ କାର୍ଯ୍ୟ ପାଇଁ ୭୨ ଲକ୍ଷ, ଶିବ ଗ୍ୟାଲେରି ନିର୍ମାଣ ପାଇଁ ୧ କୋଟି ୨୮ ଲକ୍ଷ ଟଙ୍କା, ଟୁରିଷ୍ଟ ଇଣ୍ଟରପ୍ରିଟେସନ ସେଣ୍ଟର, ମ୍ୟୁଜିୟମ ଓ ଅଫିସ ନିର୍ମାଣ ପାଇଁ ପୁଣି ୬ କୋଟି, ଶିବ ମୂର୍ତ୍ତି ସାଂସ୍କୃତିକ କେନ୍ଦ୍ର ପାଇଁ ପୁଣି ୫ କୋଟି, ମା ବିରଜା ଓ ବରାହ କ୍ଷେତ୍ରରେ ମେଗା ଡେଷ୍ଟିନେଶନ ଟୁରିଷ୍ଟ ସ୍ୱଷ୍ଟ ପାଇଁ ୫.୮୧ କୋଟି, ବରାହପୀଠର ଭିତର ପାର୍ଶ୍ୱ କାର୍ଯ୍ୟ ଓ ମ୍ୟୁଜିୟମ ପାଇଁ ପୁଣି ୨ କୋଟି, ଶିବ ଗ୍ୟାଲେରି ପାଇଁ ପୁଣି ୬ କୋଟି ଏବଂ ବରାହପୀଠର ସମ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ୩.୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ହେଲେ ଏହିସବୁ ନିର୍ମାଣ କାର୍ଯ୍ୟ ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ଯୋଗୁ ଅତି ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଗୃହ ଓ ରାସ୍ତା ନିର୍ମାଣ କାର୍ଯ୍ୟରେ ଚାଲିଥିବା ପିସି ରାଜ୍ ପରମ୍ପରା ଯାଜପୁର ସହରର ଐତିହାସିକ କୀର୍ତ୍ତିରାଜିର ସୌନ୍ଦର୍ଯ୍ୟକରଣ ଭଳି ମହତ କାର୍ଯ୍ୟରେ ମଧ୍ୟ ଲାଗୁ ହୋଇଛି। ଫଳରେ ବିଭାଗୀୟ ତଦନ୍ତକାରୀ ଅଧିକାରୀ ଓ ଯନ୍ତ୍ରୀ ଠିକାସଂସ୍ଥା କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା ଭଳି କାର୍ଯ୍ୟ କରୁଥିବା ମନେହେଉଛି। ରିଂରୋଡ୍‌କୁ ଲାଗି ନିର୍ମାଣ ହେଉଥିବା ସୁରକ୍ଷା ପାଚେରି କାର୍ଯ୍ୟ ଅତି ନିମ୍ନମାନର ହେଉଛି। ଏହି କାର୍ଯ୍ୟ ପାଇଁ ମାତ୍ର ୧ ଫୁଟ ଗାତ ଖୋଳାଯାଇ ପିଲର ସହଯୋଗରେ ଇଟା ଯୋଡେଇ ଚାଲିଛି। ଅନ୍ୟୂନ ୫ ଫୁଟ ଗାତ ଖନନ କରି ସେଥିରେ କଂକ୍ରିଟ ଓ ଆବଶ୍ୟକ ମୋଟେଇ ଲୁହା ରଡ୍ ସହଯୋଗରେ ସୁରକ୍ଷା ପାଚେରି ନିର୍ମାଣ ବ୍ୟବସ୍ଥା ଥିବାବେଳେ ତାହାର ବ୍ୟତିକ୍ରମ ହେଉଛି। ଏହାବାଦ୍ ଦ୍ୱୀପାଞ୍ଚଳ ପରିସରରେ କେବଳ ବାଲିରେ ପୋତିବା ବ୍ୟବସ୍ଥା ଥିବାବେଳେ ଅତି ନିମ୍ନମାନର ମାଟି ଓ ମୋରମ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଏନେଇ ଅଞ୍ଚଳବାସୀ ଅଭିଯୋଗ କଲେ ମଧ୍ୟ କିଛି ସୁଫଳ ମିଳିପାରୁନାହିଁ ବୋଲି ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ସେଭଳି କିଛି ଅଭିଯୋଗ ତାଙ୍କ ପାଖରେ ନାହିଁ। ତଥାପି ସୋମବାର ସେ କ୍ଷେତ୍ର ପରିଦର୍ଶନରେ ଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ଏଭଳି ମତାମତରୁ ସେ ଏଭଳି ମେଗା ପ୍ରକଳ୍ପ ସଂକ୍ରାନ୍ତରେ ଆଖିବୁଜି ଦେଇଥିବା ମନେହେଉଛି।

# ଧର୍ମଶାଳାର ୬ କେନ୍ଦ୍ରରେ ୧୪୨୪ ପରୀକ୍ଷାର୍ଥୀ

**ଧର୍ମଶାଳା,୧୭।୨(ବଟକୃଷ୍ଣ ପରିଡ଼ା):**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ କଳା ଓ ବାଣିଜ୍ୟ ମାତୃଭାଷ ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଛି। ଧର୍ମଶାଳା ବ୍ଲକରେ ଚଳିତଥର ୮ ଯୁକ୍ତ ୨ କଲେଜର ୧୪୩୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୪୨୪ ଜଣ ପରୀକ୍ଷାର୍ଥୀ ୬ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଛନ୍ତି। ଧର୍ମଶାଳା ଯୁକ୍ତ ୨ କଲେଜରେ କଳାରେ ରେଗୁଲାର ୪, ରେନେସାର ୨ ରେଗୁଲା, ମୁକୁନ୍ଦପତ୍ର କଲେଜରେ ୨ ରେଗୁଲାର ଓ ଜେନାପୁର କଲେଜର ଜଣେ ଏକ୍ସ ରେଗୁଲାର ମୋଟ ୯ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାଯାଇଛି। ପରୀକ୍ଷା ଶାନ୍ତି ଶୃଙ୍ଖଳାରେ ଶେଷ ହୋଇଥିବା ଅଧ୍ୟକ୍ଷମାନେ ସୂଚନା ଦେଇଛନ୍ତି।

# ଜାରକା ପଞ୍ଚାୟତରେ ସଚେତନତା ଶିବିର

**ଧର୍ମଶାଳା,୧୭।୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅଧୀନ ଜାରକା ପଞ୍ଚାୟତରେ ଶନିବାର ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜାରକା ପଞ୍ଚାୟତ ଅନ୍ତର୍ଗତ ଉତ୍ତରଶାଶନସ୍ଥିତ ଅମରେଶ୍ୱରୀ ମନ୍ଦିର ନିକଟରେ ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଜିଲା ପରିଷଦ ଜଳଧର ମହାନ୍ତି, ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଜାରକା ସରପଞ୍ଚ ସୁଦାମ ଚରଣ ବେହେରା, ସମିତିସଭ୍ୟା ଅନ୍ନପୂର୍ଣ୍ଣା ସାହୁ, ପିଇଓ ସଞ୍ଜୟ କୁମାର ପିଙ୍ଗୁଆ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟର ଏକ ପୁସ୍ତକ ଲୋକାର୍ପଣ କରାଯାଇଥିଲା। ପ୍ରାରମ୍ଭରେ କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ପଞ୍ଚାୟତର ସମସ୍ତ ଗ୍ରାମରୁ ହଜାରହଜାର ସଂଖ୍ୟାରେ କର୍ମୀ ଯୋଗଦେଇଥିଲେ।



ଶିବିରରେ ଅତିଥି ଉନ୍ନୟନମୂଳକ କାର୍ଯ୍ୟର ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ନୂଆ ଓ ଛାତ୍ର ବୃତ୍ତିରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ହୋହଲ୍ଲା



ଜଗନ୍ନାଥ ଜୀଉ ଯୁକ୍ତ ୩ କଲେଜ ଛାତ୍ରୀଛାତ୍ର ହୋହଲ୍ଲା କରୁଛନ୍ତି।

**ଧର୍ମଶାଳା,୧୭।୨(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚଢ଼େଇଧରାସ୍ଥିତ ଜଗନ୍ନାଥଜୀଉ କଲେଜରେ ଶନିବାର ଛାତ୍ର ଅଶାନ୍ତି ଦେଖାଦେଇଛି। ନୂଆ ଓ ଯୋଜନାରେ ସରକାର ଯୁକ୍ତ ୩ ଓ ପିଜି ଛାତ୍ରୀଛାତ୍ରଙ୍କ ପାଇଁ ଘୋଷଣା କରିଥିବା ଛାତ୍ର ବୃତ୍ତିରୁ ବଞ୍ଚିତ ଛାତ୍ରୀଛାତ୍ରମାନେ କଲେଜ ଫାଟକ ସମ୍ମୁଖରେ ହୋହଲ୍ଲା କରିଛନ୍ତି।

ସେମାନଙ୍କ ଅଭିଯୋଗ ମୁତାବକ, ସରକାର ରାଜ୍ୟର ସମସ୍ତ ଯୁକ୍ତ ୩ ଓ ପିଜି ଛାତ୍ରୀଛାତ୍ରୀ ଛାତ୍ର ବୃତ୍ତି ପାଇବେ ବୋଲି ଘୋଷଣା କରିଛନ୍ତି। ହେଲେ ଜଗନ୍ନାଥଜୀଉ ମହାବିଦ୍ୟାଳୟର ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ଏଥିରୁ ବଞ୍ଚିତ କରାଯାଇଛି। କଲେଜର ଛାତ୍ରୀଛାତ୍ର ସରକାରଙ୍କ ସମସ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ କ'ଣ ପାଇଁ ଛାତ୍ର ବୃତ୍ତିରୁ ବାଦ ଦିଆଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେଣୁ ସରକାର ତୁରନ୍ତ ସେମାନଙ୍କୁ ଯୋଜନାରେ ସାମିଲ କରିବାକୁ ଦାବି କରିଛନ୍ତି। ଅନ୍ୟପକ୍ଷରେ ଉକ୍ତ କଲେଜଟି ନନ୍‌ଏଡେଡ ଥିବାରୁ ଛାତ୍ର ବୃତ୍ତିରେ ଏମାନଙ୍କୁ ସାମିଲ କରାଯାଇପାରିନାହିଁ। ଏନେଇ କଲେଜ ଅଧ୍ୟକ୍ଷ ସୁକାନ୍ତ ରାଉତ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ଏବଂ ଖୁବ୍‌ଶୀଘ୍ର ଏହା ଉପରେ ବିଚାର କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଚାରିନଙ୍ଗଳ ପଞ୍ଚାୟତରେ ସଚେତନତା ଶିବିର

**ଚଣ୍ଡିଖୋଲ,୧୭।୨(ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଚାରିନଙ୍ଗଳ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତିସଭ୍ୟ ସେକ୍ ମୋଇନ ଅହମ୍ମଦଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଲୋକଙ୍କ ନିକଟରେ କିପରି ପହଞ୍ଚିବ ଓ ଲୋକେ କିପରି ଏହାର ଲାଭ ପାଇବେ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଆମ୍ବା ଅଧ୍ୟକ୍ଷ ବିପିନ ବିହାରୀ ଜେନା, ସାରଦା ମହାନ୍ତି ଓ ମନ୍ମଥ କେଶରୀ ସାହେବରାୟ ପ୍ରମୁଖ ଯୋଗଦେଇ ଲୋକଙ୍କୁ ସଚେତନ କରାଇଥିଲେ। ଚାରିନଙ୍ଗଳ ସରପଞ୍ଚ ନୂରଜାହାନ ବେଗମ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉମେଶ ଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ତନୁଶ୍ରୀ ଦାସ, ସମିତିସଭ୍ୟା ଚନ୍ଦ୍ରକଳା ଜେନା, ପ୍ରତାପ ଚନ୍ଦ୍ର ନାୟକ, ଗୋଲାମ କିବିରିଆ ଖାଁ, କନିଷ୍ଠ ଯନ୍ତ୍ରୀ ପୁଷ୍ପାଞ୍ଜଳି ମହାନ୍ତି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଧନଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ସେକ୍ ରମିଜ ରାଜା, ଅନ୍ୟାନ୍ୟ ବଳ, ବିଶ୍ୱଜିତ ସାମଲ, ମହମ୍ମଦ ସଇଦ କୁବେର, ସେକ୍ ମୁସଦିକ ଅଲି, ପ୍ରତ୍ୟୁଷ କୁମାର ସାମଲ ପ୍ରମୁଖ ବହୁ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ବିଜେଡି, ଭାଜପାର ବାହାଘର କରାଇଲା କଂଗ୍ରେସ

**ଯାଜପୁର ଟାଉନ,୧୭।୨ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ବିଜେଡି ଓ ଭାଜପା ମଧ୍ୟରେ ଭିତିରି ସମ୍ପର୍କ ଥିବା ଅଭିଯୋଗ କରି ଯାଜପୁର କଂଗ୍ରେସ ପକ୍ଷରୁ ଯାଜପୁରସ୍ଥିତ ବୈଦ୍ୟରାଜପୁର ମା'ମଣ୍ଡପଠାରେ ବିଜେଡି ଓ ଭାଜପାର ବାହାଘର କରାଯାଇଛି। ଜିଲା ଯୁବ କଂଗ୍ରେସ ପୂର୍ବତନ ସଭାପତି ସନ୍ତୋଷ ବେହେରାଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବିଧାନସଭା ନିର୍ବାଚନମଣ୍ଡଳୀ ନେତା ସନ୍ତୋଷ ନନ୍ଦ ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ ପ୍ରଦାନ କରିଥିଲେ। କଂଗ୍ରେସ କର୍ମୀମାନେ ଏକ ପଟୁଆରରେ ସ୍ଥାନୀୟ କେନାଲ ପୋଲ ପାଖରୁ ବାହାରି ତେଲିଙ୍ଗ ବାଜା ସହିତ ମା'ମଣ୍ଡପଠାରେ ପହଞ୍ଚିଥିଲେ। ସେଠାରେ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାସ୍କର ମହାନ୍ତି, ଆଲୋକ ବେହେରା, ସଂଗ୍ରାମ ଜେନା, ଇନ୍ଦ୍ରଜିତ ଦାସ, ସଂଗ୍ରାମ ସାହାଣୀ, ଅକ୍ଷୟ ଶତପଥୀ, ବଳରାମ ବେହେରା, ଶରଦେନ୍ଦୁ ପତି, ସଞ୍ଜୀବ ଦାସ, ଅର୍ଣ୍ଣବ ମିଶ୍ର, ଅନୁ ସାହୁ, ମୁନା ଖାଁ, ବିଜୟ ମହାପାତ୍ର, ସାଧୁ ଜେନା, ବିଜୟ ସାହୁ ଓ କୃପାସିନ୍ଧୁ ବିଶୋଇ ପ୍ରମୁଖ ଯୋଗଦେଇଥିଲେ।

**ବ୍ରହ୍ମବରଦା,(ଯଯାତିକେଶରୀ ବେହେରା):** ବରୀ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ବ୍ରହ୍ମବରଦା ବ୍ୟାଙ୍କ ଛକଠାରେ ବିଜେଡି ଓ ଭାଜପା ମଧ୍ୟରେ ବାହାଘର କରାଯାଇଛି। ଭାଜପା ମୁଖା ପିନ୍ଧା ବରକୁ ରୋଷଣୀ କରି ଆଣି ବ୍ରହ୍ମବରଦା ବ୍ୟାଙ୍କ ଛକ ନିକଟରେ ଥିବା କଂଗ୍ରେସ କାର୍ଯ୍ୟାଳୟରେ ବିଜେଡି ମୁଖା ପିନ୍ଧା କନ୍ୟା ସହିତ ବିବାହ କରାଯାଇଛି। ଭାଜପା ଓ ବିଜେଡିର ଭିତିରିଆ ସମ୍ପର୍କ ବେଶ ନିବିଡ଼ ଥିବା ଯୋଗୁ ଏପରି ପ୍ରତୀକାତ୍ମକ ବିବାହର ଆୟୋଜନ କରାଯାଥିବା ଯାଜପୁର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଆରତୀ ଦେଓ କହିଥିଲେ। କାର୍ଯ୍ୟକ୍ରମରେ କ୍ରଂଗ୍ରେସ କର୍ମୀ ସେକ୍ ନୁରୁଲ୍ଲ ଅଲ୍ଲି, ଅଲିଭା ଘଡ଼ାଇ, ଅବୁ ସାଏମା, ସେକ୍ ଫକିରୁଦ୍ଦିନ, ନାରାୟଣ ଜେନା, ସେକ୍ ହୁନି, ସେକ୍ ଇନ୍ତିୟାଜ, ରବୀନ୍ଦ୍ର ବିଶ୍ୱାଳ, ଗୋଖନା ରାୟ, ସେକ୍ ତଫିରୁଦ୍ଦି, ଶାନ୍ତନୁ ଦାସ, ଅନନ୍ତ ଘଡ଼ାଇ, ସେକ୍ ଚାନ୍ଦ, ପ୍ରକାଶ ଦେଓ, ସେକ୍ ଅମଜାଦ, ସେକ୍ ସଫିକ, ଭଗବାନ ବେହେରା, ଶ୍ରୀଧର ବାରିକଙ୍କ ସହ ଆଗଧାଡ଼ିର ବହୁ କଂଗ୍ରେସ କର୍ମୀ ମାନେ ଉପସ୍ଥିତ ରହି ବିବାହ ସମ୍ପାଦନ କରାଇବା ସହ ଭୋଜି ଖାଇଥିଲେ।



ବ୍ୟାସନଗର କଂଗ୍ରେସ ପକ୍ଷରୁ ବିଜେଡି ଓ ଭାଜପା ମଧ୍ୟରେ ବାହାଘର କରାଯାଉଛି।

**ଯାଜପୁରରୋଡ୍,(ପବିତ୍ର ରଞ୍ଜନ ମହାନ୍ତି):** ବ୍ୟାସନଗର କଂଗ୍ରେସ ପକ୍ଷରୁ ବିଜେଡି ଓ ଭାଜପା ମଧ୍ୟରେ ବାହାଘର କରାଯାଇଛି। ସ୍ଥାନୀୟ ବସଷ୍ଟାଣ୍ଡଠାରେ ଥିବା ଇନ୍ଦିରା ଗାନ୍ଧୀଙ୍କ ପତିମୂର୍ତ୍ତି ସମ୍ମୁଖରୁ ବରଯାତ୍ରୀ ଦଳ ବାଜା, ବାଣ ସହ ରୋଷଣି କରି ଗୋପବନ୍ଧୁ ଛକଠାରେ ପହଞ୍ଚିଥିଲେ। ସେଠାରେ ବେଦୀରେ ଭାଜପା ମୁଖା ପିନ୍ଧି ବର ଓ ବିଜେଡି ମୁଖା ପିନ୍ଧା କନ୍ୟାଙ୍କୁ ବସାଇ ବ୍ରାହ୍ମଣଙ୍କ ଦ୍ୱାରା ମନ୍ତ୍ର ପଠା କରାଯାଇ ବିବାହ ସମ୍ପନ୍ନ ହୋଇଥିଲା। ବେଦୀ ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଏକ ସଭା ରାଜ୍ୟ ଅଣ ସଂଗଠିତ ଶ୍ରମିକ ଓ କର୍ମଚାରୀ କଂଗ୍ରେସ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟାସନଗର କଂଗ୍ରେସ କମିଟି ସଭାପତି ଦିଲୀପ ମଲ୍ଲିକ, ପ୍ରଭାତ ମହାପାତ୍ର, ନାରାୟଣଚନ୍ଦ୍ର ନାୟକ, ପଦ୍ମନାଭ ସ୍ୱାଇଁ, ସନ୍ତୋଷ ମହାନ୍ତି, କଂଗ୍ରେସ ନେତ୍ରୀ ଜ୍ୟୋତସ୍ମିତା ରାଉତ, ସିପିଏମ୍ ନେତା ପ୍ରଫୁଲ୍ଲ ନାୟକ, ସିପିଆଇ ନେତା ଆଲୋକ ମହାନ୍ତି, କେକେସିର ପଦ୍ମନାଭ ନାୟକ, ମହିନ୍ଦ୍ର ମହାପାତ୍ର, ପରିକ୍ଷିତ ମଳିକ, ସତ୍ୟାନନ୍ଦ କାଣ୍ଡି, ଅନିଲ ଜେନା, ଅମୂଲ୍ୟ ଖୁଣ୍ଟିଆ, କୈଳାଶ ମଳିକ ଓ ବିଦ୍ୟାଧର ଜେନା ପ୍ରମୁଖ ସାମିଲ ହୋଇଥିଲେ। ଶେଷରେ ବରପିତା ବିଦ୍ୟାଧର ମହାନ୍ତି ଓ କନ୍ୟାପିତା ପଦ୍ମନାଭ ସ୍ୱାଇଁଙ୍କ ମଧ୍ୟରେ ସମୁଦୀ ମିଳନ ହୋଇଥିଲା।

**ବିଞ୍ଝାରପୁର,(ରାମକୃଷ୍ଣ ଦାସ):** ବରୁଣେଶ୍ୱର କ୍ଷେତ୍ର ସଂଲଗ୍ନ କୁଲତା ମଣ୍ଡପଠାରେ ଭାଜପା ଓ ବିଜେଡି ମଧ୍ୟରେ ବିବାହ ସମ୍ପନ୍ନ ହୋଇଛି। ନେତ୍ରୀ କନକଲତା ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ବିବାହ ଉତ୍ସବରେ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗଦେଇଥିଲେ। ବାଜା, ବାଣ, ରୋଷଣି ଓ ଭୋଜିଭାତରେ ବରୁଣେଶ୍ୱର କ୍ଷେତ୍ର କମ୍ପି ଉଠିଥିଲା। କାର୍ଯ୍ୟକ୍ରମରେ ବିଞ୍ଝାରପୁର ବ୍ଲକ କଂଗ୍ରେସ ସଭାପତି ପ୍ରବୋଧ ଦାସ, କଂଗ୍ରେସ ନେତା ଚନ୍ଦ୍ରଶେଖର ଧଳ, ଗୋବିନ୍ଦ ପରିଡା, ପ୍ରତାପ ଦାସ, ମହେଶ୍ୱର ଦାସ, ଶାନ୍ତନୁ ମଲ୍ଲିକ ପ୍ରମୁଖ ଯୋଗଦେଇ ଉଭୟ ଦଳଙ୍କୁ ସମାଲୋଚନା କରିଥିଲେ।

### ବାଜା, ବାଣ ରୋଷଣିରେ କମ୍ପିଲା ବରୁଣେଶ୍ୱର କ୍ଷେତ୍ର

**ବରୀ,(ମହେନ୍ଦ୍ର ସ୍ୱାଇଁ):** ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତସ୍ଥିତ ଷ୍ଟେଟ ବ୍ୟାଙ୍କ ଛକଠାରେ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କଳ୍ପନା ପଣ୍ଡାଙ୍କ ନେତୃତ୍ୱରେ ବିଜେଡି, ଭାଜପା ମଧ୍ୟରେ ବିବାହ ସମ୍ପନ୍ନ ହୋଇଛି। ଏଥିରେ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ବିଜେଡି ଓ ଭାଜପା ମଧ୍ୟରେ ଥିବା ରାଜନୈତିକ ଭିତିରି ବୁଝାମଣାକୁ ଲୋକଲୋଚନକୁ ଆଣିବା କ୍ଷେତ୍ରରେ ଏଭଳି କାର୍ଯ୍ୟକ୍ରମ କରାଯାଇଛି ବୋଲି ପଣ୍ଡା କହିଥିଲେ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭାଜପା ରାଜ୍ୟସଭା ପ୍ରାର୍ଥୀ ଚୟନ କରିବା ଏବଂ ଏହାକୁ ବିଜେଡି ସମର୍ଥନ କରିବା ଘଟଣା ଉଭୟ ଦଳ ମଧ୍ୟରେ ଥିବା ଭିତିରି ସମ୍ପର୍କ ସ୍ପଷ୍ଟ ବାରି ହୋଇପଡୁଛି ବୋଲି ବିବାହ ଉତ୍ସବରେ ଯୋଗଦେଇ ବ୍ଲକ କଂଗ୍ରେସ ସଭାପତି ମନୋଜ ଦାସ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ପ୍ରଧାନ, ଅଞ୍ଜନା ଧଳ, ଅଞ୍ଜନା ମଲିକ, ନନ୍ଦ କିଶୋର ସେନାପତି, ନାୟା ମଲିକ, ସୁବାସ ପରିଡ଼ା, ନୃସିଂହ ଧଳ, ଝରଣା ଧଳ, କନକଲତା ମଲିକ, ସ୍ନେହଲତା ମଲିକ, ଦେବସ୍ମିତା ମଲିକ, ପ୍ରଶାନ୍ତ ଧଳ ଓ ସୁବାସ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।






ଯାଜପୁର କଂଗ୍ରେସ ପକ୍ଷରୁ ବିବାହ କାର୍ଯ୍ୟ ସମ୍ପନ୍ନ କରାଯାଉଛି। | ବରୀ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ବ୍ରହ୍ମବରଦା ବ୍ୟାଙ୍କ ଛକଠାରେ ବିଜେଡି ଓ ଭାଜପା ମଧ୍ୟରେ ବାହାଘର କରାଯାଉଛି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲୋକର୍ପିତ

ପାଟକୁରା,୧୭।୨(ରବୀନ୍ଦ୍ର ନାଥ ବାରିକ)

ଶନିବାର ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଲୋକର୍ପଣ କରିଛନ୍ତି । ୫–ଟି ମୋ ହସ୍ପିଟାଲ ଯୋଜନାରେ ଉକ୍ତ ଡାକ୍ତରଖାନା ଭିତ୍ତିଭୂମିର ଉନ୍ନତିକରଣ କାର୍ଯ୍ୟ ହୋଇଛି। ୭କୋଟି ଟଙ୍କା ବ୍ୟୟରେ ନିରାମୟ, ହେଲ୍ପ ଡେ଼ସ୍କ, ପଞ୍ଜିକରଣ କେନ୍ଦ୍ର, ନିଦାନ ସମେତ ରୋଗୀଙ୍କ ପାଇଁ ଶୌଚାଳୟ ଇତ୍ୟାଦି ନିର୍ମାଣ ହୋଇଛି।ଏହାଦ୍ୱାରା ଜନସାଧାରଣ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇପାରିବେ। ଏଥିପାଇଁ ହାଇସ୍କୁଲ ପଡ଼ିଆରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ଉପସ୍ଥିତ ରହି ରାଜ୍ୟ ସରକାର ବିକାଶ କାର୍ଯ୍ୟଧାରା ଉପରେ ବର୍ଣ୍ଣନା କରିଥିଲେ। ପିଡି ରାଜେନ୍ଦ୍ର ପଣ୍ଡା, ଭାରପ୍ରାପ୍ତ ଚିକିତ୍ସା ଅଧିକାରୀ ଡ.ନିରଞ୍ଜନ କର, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ରାସ୍ତା ଓ ପୂର୍ତ୍ତ ବିଭାଗର ଓଏସ୍‌ଡି ଧିରେନ ସୁତାର ଏବଂ ଡ.ହିମାଂଶୁ ଭୂଷଣ ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

# ୱେଲସ୍ପୁନ୍‌ର ୨ ପ୍ରକଳ୍ପକୁ ଜିଲାବାସୀଙ୍କ ଅପେକ୍ଷା

କେନ୍ଦ୍ରାପଡ଼ା,୧୭।୨(ଜଗନ୍ନାଥ ଧଳ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଜିଲା ଚୌଦ୍ୱାରଠାରେ ୱେଲସ୍ପୁନ ଲିଭିଂ ଲିମିଟେଡର ଇଣ୍ଟିଗ୍ରେଟେଡ ଟେକ୍ସଟାଇଲ କମ୍ପ୍ଲେକ୍ସର ଶିଳାନ୍ୟାସ ଶନିବାର କରିଛନ୍ତି। ଏଥିରେ ପ୍ରାୟ ୧୦ ହଜାର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ମିଳିବ ବୋଲି ସୂଚନା ମିଳିଛି । ଏଥିପାଇଁ ୩ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପୁଞ୍ଜି ନିବେଶ ହେବ ବୋଲି ଘୋଷଣା କରାଯାଇଛି । ତେବେ ଏହି କମ୍ପାନୀର ଦୁଇ ପ୍ରକଳ୍ପକୁ କେନ୍ଦ୍ରାପଡ଼ା ଜିଲାବାସୀ ଅପେକ୍ଷା କରିଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

ଏସମ୍ପର୍କରେ ଖଡିଅଙ୍ଗର ସାମାଜିକ କର୍ମୀ କ୍ଷିତିଶ କୁମାର ସିଂ, ଜିଲା ଜନ ଅଧିକାର ଅଭିଯାନ ସଭାପତି ଭୁବନମୋହନ ଜେନା, ପଟ୍ଟାମୁଣ୍ଡାଇର ପ୍ରତାପ କୁମାର ପାଢ଼ୀ, ଛୋଟିର ନିହାର ରଞ୍ଜନ ପ୍ରଧାନ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାବାସୀ ଏବେ ଶିଳ୍ପ ଅପେକ୍ଷାରେ ଅଛନ୍ତି । ବିଭିନ୍ନ ସମୟରେ ଶିଳ୍ପ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ମିଳିଥିବା ଦର୍ଶାଯାଇଛି । ଗତ ଡିସେମ୍ବର ୭ରେ ଷ୍ଟେଟ ଲେବୁଲ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ୧୯ଟି ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ । ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏସମ୍ପର୍କରେ ଅନ୍ୟ ପ୍ରକଳ୍ପ ସହ କେନ୍ଦ୍ରାପଡ଼ା ଜିଲାରେ ଟେକ୍ସଟାଇଲ ପ୍ରକଳ୍ପ ନିର୍ମାଣ ହେବ ବୋଲି ସୂଚନା ଦେଇଥିଲେ । ୨୦୦ କୋଟି ଟଙ୍କାର ଏହି ପ୍ରକଳ୍ପ ୱେଲସ୍ପୁନ ଲିଭିଂ ଲିମିଟେଡ ପକ୍ଷରୁ ହେବ ବୋଲି କହିଥିଲେ । ଏଥିସହିତ ପ୍ରକଳ୍ପରେ ୨୦୦୦ ଲୋକ କର୍ମ ନିଯୁକ୍ତି ପାଇବେ ବୋଲି ଏଠାରେ ସମୀକ୍ଷା କରାଯାଇଥିଲା । ଏଥିସହିତ ଜିଲାର ମହାକାଳପଡ଼ା ଠାରେ ମଲ୍ଟିମୋଡାଲ ଇନଲାଣ୍ଡ କଣ୍ଟେନର ଡିପୋ ଖୋଲାଯିବ ବୋଲି ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିଲା । ଏହି ଡିପୋରେ ଜଳଯାନ କଣ୍ଟେନରର ସୁରକ୍ଷା ମରାମତି, ଯାତାୟତ ସହିତ ଖାଦ୍ୟ ଉତ୍ପାଦ, ପ୍ରୋସେସିଂ, କଷ୍ଟମ କ୍ଲିୟରାନ୍ସ ଆଦି କାର୍ଯ୍ୟ କରିବ । ଏଥିପାଇଁ କୈବଲ୍ୟ ଲଜିଷ୍ଟିକସ ପ୍ରାଇଭେଟ ଲିମିଟେଡ ସହିତ ବୁଝାମଣା ହୋଇଥିବା ବେଳେ ପ୍ରାୟ ୧୧୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲ ତତ୍କାଳୀନ ଜିଲାପାଳ ଅମୃତ ଋତୁରାଜ ଟ୍ୱିଟ କରିଥିଲେ । ଫଳରେ ଜିଲାରେ ଆନନ୍ଦ ଖେଳିଯାଇଥିଲା । ସେହିପରି ଗତ ନଭେମ୍ବର ୨୩ରେ ଓଡିଶା ସରକାର ୧୨ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ଦେଇଥିଲେ । ୮୪,୯୧୮ କୋଟି ଟଙ୍କାରେ ହେବାକୁ ଥିବା ଏହି ପ୍ରକଳ୍ପରେ ୪୨ ହଜାର କର୍ମନିଯୁକ୍ତି ମିଳିବ ବୋଲି ସୂଚନା ମିଳିଥିଲା । ଏହି ପ୍ରକଳ୍ପ ମଧ୍ୟରୁ କେନ୍ଦ୍ରାପଡ଼ା ଜିଲାରେ ଗ୍ରୀନ ଆମୋନିଆ ୟୁନିଟ୍ ଖୋଲିବ ବୋଲି ସୂଚନା ଦିଆଯାଇଥିଲା । ୧୩,୮୬୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ଶିଳ୍ପ ପାଇଁ ୱେଲସ୍ପୁନ ନିଉ ଏନର୍ଜି ଲିମିଟେଡକୁ ଚୟନ କରାଯାଇଥିଲା । ୱେଲସ୍ପୁନ ଏବେ ଚୌଦ୍ୱାରଠାରୁ ଟେକ୍ସଟାଇଲ କମ୍ପ୍ଲେକ୍ସ ଖୋଲିବାକୁ ଯାଉଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ଏହି ଦୁଇ ପ୍ରକଳ୍ପ ସମ୍ପର୍କରେ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ । ଏହି ଜିଲାର ପ୍ରାୟ ୪୦ ପ୍ରତିଶତ ଯୁବବର୍ଗ କର୍ମ ନିଯୁକ୍ତି ଆଶାରେ ବିଭିନ୍ନ ରାଜ୍ୟରେ ସୂତାକଳ ଠାରୁ ଆରମ୍ଭ କରି ବିଭିନ୍ନ କମ୍ପାନୀରେ ରହି କାମ କରୁଛନ୍ତି । ଜିଲାରେ ସୂତା କଳ ଓ ଶିଳ୍ପ ହେଲେ କର୍ମ ନିଯୁକ୍ତି ସମ୍ଭବ ହୋଇପାରନ୍ତା । ତେବେ ଏଦିଗରେ ରାଜନେତା ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟ ନ ଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି ।

# କଂଗ୍ରେସ, ବିଜେଡି କର୍ମୀ ଭାଜପାରେ ସାମିଲ



ଭାଜପାରେ ସାମିଲ ହୋଇଥିବା କର୍ମୀମାନଙ୍କୁ ସ୍ୱାଗତ କରାଯାଉଛି।

ରାଜନଗର,୧୭।୨(ଭାସ୍କର ରାଉତରାୟ)

ରାଜନଗର ରାଜନୀତିର ଦୁଇ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ବିଧାୟକ ଧ୍ରୁବ ସାହୁ ଓ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ମିଶିଯିବା ପରେ କଂଗ୍ରେସ ଓ ବିଜେଡି କର୍ମୀ ଭାଜପାକୁ ଡେଇଁବା ଆରମ୍ଭ କରିଛନ୍ତି ଭାଜପା ଯୁବ ନେତା ଅଜୟ କୁମାର ବେହେରାଙ୍କ ନେତୃତ୍ୱରେ ଏହି ବ୍ଲକ ଗୁପ୍ତି ପଞ୍ଚାୟତ ଚାରିଘରିଆଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଚାରିଘାରିଆ ଓ ବଗପାଟିଆ ଗାଁର ୪୦ ପରିବାର କଂଗ୍ରେସ ଓ ବିଜେଡି ଛାଡି ଭାଜପାରେ ସାମିଲ ହୋଇଛନ୍ତି। ଅନିଲକୁମାର ମଣ୍ଡଳ ,ଦୁଃଖୀରାମ ମଣ୍ଡଳ, ଅଶୋକ ହାଉଲୀ, ନିର୍ମଳ ମଣ୍ଡଳ , ମନୋରଞ୍ଜନ ବାରିକ, କିଶାରାମ ମଣ୍ଡଳ, ସଞ୍ଜୟ ଦାସ, ପଲାସ ରପ୍ତାନ, ଜଗ ମଣ୍ଡଳ, ଶମ୍ଭୁ ବାରିକ, ବଗପାଟିଆ ଗାଁର ମନୋରଞ୍ଜନ ସର୍କାର, ନିଶୀକାନ୍ତ ସର୍କାର, କେଶବ ମଣ୍ଡଳ, ପ୍ରକାଶ ସର୍ଦ୍ଦାର, ପ୍ରଭାତ ପାଳ, ହରେକୃଷ୍ଣ ପରିଡା, କେଶବ ମାଇତି, ପ୍ରଭାକର ସର୍ଦ୍ଦାର, ଦୀପକ ଚିତ୍ତରଞ୍ଜନ ମାଇତି, ହରିପଦ ସର୍ଦ୍ଦାର, ରମେଶ ପରିଡା, ଦେବେନ୍ଦ୍ର ସର୍ଦ୍ଦାର, ସାରଥୀ ବାରିକ, ସୁନିଲ ବାରିକ, କୃଷ୍ଣପଦ ବାରିକ, ସୁମନ୍ତ ପରମାଣିକ, ସୁନିଲ ରଣା ପ୍ରମୁଖ ୪୦ଟି ପରିବାର ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । ଭଜପା ନେତା ବେହେରା ତାଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଛନ୍ତି ।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

## ପ୍ରତି ଗାଁ ରେ ନବୀନଙ୍କ ବିକାଶ ବାର୍ତ୍ତା ପହଞ୍ଚିଛି

ମହାକାଳପଡ଼ା,୧୭।୨(ପ୍ରତାପ ଚନ୍ଦ୍ର ସ୍ୱାଇଁ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରାଜଗଡ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଓ ପଞ୍ଚାୟତ ସଚେତନତା ଶିବିର ଶନିବାର ଅନୁଷ୍ଠିତ ହୋଇ ଯାଇଛି। ସରପଞ୍ଚ ମମତା ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯକ୍ରମରେ ମୁଖ୍ୟ ଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ମୂଳକ ଯୋଜନା ଘରେ ଘରେ ପହଞ୍ଚିଛି। ମିଶନ ଶକ୍ତି ମାଧ୍ୟମରେ ମହିଳା ମାନଙ୍କୁ ସ୍ୱାବଲମ୍ବୀ କରାଯାଇଛି। ଖୁବ୍‌ଶୀଘ୍ର ମହାକାଳପଡ଼ାର ରାମନଗର ବତୀଘର ଓ ଖରିନାଶି ପଞ୍ଚାୟତରେ ଦେଶର ବୃହତ ଇସ୍ପାତ ଶିଳ୍ପ କାରଖାନା ପ୍ରତିଷ୍ଠା ହେବାକୁ ଯାଉଛି ବୋଲି ମନ୍ତ୍ରୀ ନାୟକ ପ୍ରକାଶ କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ମଧ୍ୟରେ ବ୍ଲକ ବିଡ଼ିଓ ସାଗର କୁମାର ନନ୍ଦ , ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ , ଅଶୋକ କୁମାର ମହାପାତ୍ର , ପଦ୍ମନାଭ ପ୍ରତିହାରୀ, ବୁଦ୍ଧିଜୀବି ବରିଷ୍ଠ ନାଗରିକଙ୍କ ସମେତ ବହୁ ସଂଖ୍ୟାରେ ମହିଳାମାନେ ଉପସ୍ଥିତ ଥିଲେ। ସେହିପରି ବ୍ଲକ ଅଧିନ ସ୍ଥାନୀୟ ବଡିଡ଼ି ପଞ୍ଚାୟତ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଓ ପଞ୍ଚାୟତ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି।ଏଥିରେ ସରପଞ୍ଚ ଅହଲ୍ୟା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଶିଷ୍ଟ ଅତିଥିମାନେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ନାଟକ ମାଧ୍ୟମରେ ସରକାରଙ୍କ ଯୋଜନା କିପରି ଘରେ ପହଞ୍ଚିଛି ପରିବେଷଣ କରାଯାଇଥିଲା।




ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଉଦ୍‌ବୋଧନ ଦେଉଛନ୍ତି।

# ରୋଭର୍ସ କ୍ରିକେଟ କ୍ଲବ ଚାମ୍ପିୟନ



ଚାମ୍ପିୟନ ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

## ରାଜ୍ୟସ୍ତରୀୟ ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟ

ଡେରାବିଶ,୧୭।୨(ବେବର୍ତ୍ତା ଅଜୟ ଦାସ)

ଡେରାବିଶ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଡେରାବିଶ ମିନିଷ୍ଟାଡିୟମରେ ଚାଲିଥିବା ୫୧ତମ ବାର୍ଷିକ ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ନାମେଣ୍ଟର ଶନିବାର ଥିଲା ଫାଇନାଲ ମ୍ୟାଚ । କଟକ ରୋଭର୍ସ କ୍ରିକେଟ୍ କ୍ଲବ ଓ ଯାଜପୁର ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ଆଜିର ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଟସ ଜିତି ରୋଭର୍ସ କ୍ରିକେଟ୍ କ୍ଲବ ବ୍ୟାଟିଂର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ୨୫ ଓଭରରେ ୫ ଉଇକେଟ ବିନିମୟରେ ୨୪୭ ରନ କରିଥିଲେ । ଜବାବରେ ଯାଜପୁର ଇଲେଭେନ୍ ଷ୍ଟାର କ୍ରିକେଟ କ୍ଲବ ତାର ସମସ୍ତ ଉଇକେଟ୍ ହରାଇ ୨୪୭ ରନ ସଂଗ୍ରହ କରିଥିବା ବେଳେ ଅମ୍ପାୟାରଙ୍କ ନିଷ୍ପତ୍ତି କ୍ରମେ ଟାଇର ରୋଭର୍ସ କ୍ଲବ ଚମ୍ପିଆନ୍ ହୋଇଥିଲେ । ପ୍ରାରମ୍ଭରେ ଡେରାବିଶ କ୍ରିକେଟ୍ କ୍ଲବର ସଭାପତି ରଞ୍ଜନ କୁମାର ସାହୁ ଉଭୟ ଦଳର ଖେଳାଳୀମାନଙ୍କୁ ସ୍ୱାଗତ ଜଣାଇଥିଲେ । ପରେ ସଭାପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ଉଠା ଜଳସେଚନ ନିଗମ ଅଧ୍ୟକ୍ଷ ଅମରେଶ ପତ୍ରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ କଟକ ରୋଭର୍ସ କ୍ଲବକୁ ଚମ୍ପିଆନ୍ ଟ୍ରଫି ଓ ଯାଜପୁର କ୍ରିକେଟ କ୍ଲବକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଡ.ଭକ୍ତକବି ଦାସ, ରାଜ୍ୟ ବିଜେଡି ସମ୍ପାଦକ ଜ୍ୟୋତିରଞ୍ଜନ ଜେନା, ମହେନ୍ଦ୍ର କୁମାର ସିଂ ପ୍ରମୁଖ ଯୋଗ ଦେଇଥିଲେ । ସେହିପରି ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ଅଶ୍ୱିନୀ କୁମାର ଖଟୋଇଙ୍କୁ ଓ ବିଭୂତି ଭୂଷଣ ଭୂୟାଁଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ୍ ଭାବେ ଟ୍ରଫି ପ୍ରଦାନ କରାଯାଇଥିଲା । ଓଡିଶା କ୍ରିକେଟ ଆସୋସିଏଶନ ଅନୁବନ୍ଧିତ ଅମ୍ପାୟାର ପ୍ଲାବନ କୁମାର ସ୍ୱାଇଁ ଓ ବିଶ୍ୱଜିତ ଅଧିକାରୀ ଆଜିର ଖେଳ ପରିଚାଳନା କରିଥିଲେ। ତେବେ ଆଜିର ଏହି ରୋମାଂଚକର ମ୍ୟାଚ୍‌କୁ ଦେଖିବା ପାଇଁ ଷ୍ଟିଡିୟମର ଚୁର୍ତପାର୍ଶ୍ୱରେ ପ୍ରବଳ ଜନଗହଳି ଥିବା ଦେଖିବାକୁ ମିଳିଥିଲା । ଗତ ୧୧ ତାରିଖରୁ ଆରମ୍ଭ ହୋଇ ସାତଦିନ ଧରି ଅନୁଷ୍ଠିତ ହୋଇଥିବା ୫୧ତମ ରାଜ୍ୟସ୍ତରୀୟ ଟୁର୍ନାମେଣ୍ଟକୁ ଶାହାଜାନ୍ ଖାଁ, ଅନୁପ କୁମାର ରାଉତ, ବିପିନି ବିହାରୀ ସାହୁ, ଚିତ୍ତରଞ୍ଜନ ଦାସ, ତ୍ରିଲୋଚନ ରାଉତ, ଅତୁଲ୍ୟ କୁମାର ରଥ, ଚିତ୍ତରଞ୍ଜନ ଦାସ, ଖୁର୍ସିଦ ଆଲମ ଖାଁ, ପ୍ରଶାନ୍ତ କୁମାର ରଣା ପ୍ରମୁଖ ପରିଚାଳନା କରିଥିଲେ ।

# ବଡ଼ନାଉକଣା ସେବା ସମବାୟ ସମିତିରେ ଦୁର୍ନୀତି

## ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

ରାଜନଗର,୧୭।୨(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବଡ଼ ନାଉକଣା ସେବା ସମବାୟ ସମିତିର ଅଚଳାବସ୍ଥା ନେଇ ଶନିବାର କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ହୋଇଛି । ସେବା ସମବାୟ ସମିତିର ସମ୍ପାଦକ କିପରି ସହକାରୀ ସମ୍ପାଦକରୁ ସମ୍ପାଦକ ହେଲେ, ୨ ବର୍ଷ ହେଲା ସାଧାରଣ ସଭା ଡାକ ନ ଯିବା, ସମିତିର ଜମି ବିକ୍ରି ଅର୍ଥ କେଉଁ ଆକାଉଣ୍ଟରେ ଜମା ରଖାଯାଇଛି ତାହା ଦର୍ଶାଯାଉ, ସେବା ସମବାୟ ସମିତିର ଅନ୍ୟ କର୍ମଚାରୀ କେତେ ଟଙ୍କା ଦରମା ପାଉଛନ୍ତି ତାହା ପରିଚାଳନା କମିଟିକୁ ସମ୍ପାଦକ ନ ଜଣେଇବା, ୨୦୨୦ ଜାନୁଆରୀରୁ କେତେଜଣ ନୂତନ ସଦସ୍ୟ ପଞ୍ଜିକୃତ ହୋଇଛନ୍ତି ଏବଂ ସଦସ୍ୟତା ଅର୍ଥ କେଉଁ ରସିଦ ବହିରେ କଟାଯାଇଛି ଓ ସେହି ଅର୍ଥ କେଉଁ ଆକାଉଣ୍ଟରେ ଜମା ହୋଇଛି ତାହା ପ୍ରକାଶ କରିବା ଆଦି ଦାବି ନେଇ ସେବା ସମବାୟ ସମିତିର ନିର୍ଦ୍ଦେଶକ ଓ ସଦସ୍ୟମାନେ ଆଜି ଠାରୁ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି । କ୍ଷୀରୋଦ କୁମାର ମଲିକ, ପବିତ୍ର ମୋହନ ନାୟକ, ରବୀନ୍ଦ୍ର କୁମାର ପଡିହାରୀ, ଅଜୟ କୁମାର ସ୍ୱାଇଁ, ସନାତନ ସ୍ୱାଇଁ, ରବୀନ୍ଦ୍ର କୁମାର ବେହେରା, କୈଳାସ ଚନ୍ଦ୍ର ପଡିହାରି, କାଳନ୍ଦୀ ମଲିକ, ଗୋକୁଳ ଚନ୍ଦ୍ର ପଡିହାରୀ, ଭୋଳାନାଥ ସ୍ୱାଇଁ, ପ୍ରତିମା ମଲିକ ପ୍ରମୁଖ ଆମରଣ ଅନଶନରେ ବସିଛନ୍ତି । ଏହି ଆମରଣ ଅନଶନକୁ ସମର୍ଥନ କରି ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଦେବେନ୍ଦ୍ର କୁମାର ଜେନା ଆମରଣ ଅନଶନରେ ସାମିଲ ହୋଇଛନ୍ତି।

# ଅଂଶୁମାନଙ୍କ ଦଳ ବଦଳ ନୂଆ କଥା ନୁହେଁ: ପିସିସି ସଭାପତି

ପଟ୍ଟାମୁଣ୍ଡାଇ,୧୭।୨(କଳ୍ପତରୁ ନାୟକ)

ଶନିବାର ପିସିସି ସଭାପତି ଶରତ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି, ରାଜନଗରର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବିଜେଡିରେ ଯୋଗ ଦେବା କିଛି ନୂଆ କଥା ନୁହେଁ । ରାଜନୀତିରେ ଦଳ ବଦଳ ଏକ ନିରନ୍ତର ପ୍ରକ୍ରିୟା । ବିଶେଷ କରି ନିର୍ବାଚନ ସମୟରେ ଏହା ନିତିଦିନିଆ ଘଟଣା । ଗୋଟେ ରାଜନୈତିକ ଦଳ ଲାଗି ପ୍ରଚାର କରି ତା'ପରଦିନ ଆଉ ଏକ ରାଜନୈତିକ ଦଳରେ ସାମିଲ ହେବା କିଛି ନୂଆ ଘଟଣା ହୋଇ ରହିନାହିଁ। ଏହି ଘଟଣା ଓଡ଼ିଶା ରାଜନୀତିରେ ପୂର୍ବରୁ ମଧ ଦେଖିବାକୁ ମିଳିଛି । ରାଜନେତାଙ୍କ ଆଚରଣ ଓ ଉଚ୍ଚାରଣ କିପରି ରାତିକ ମଧ୍ୟରେ ବଦଳେ ତାହା ଆଶ୍ଚର୍ଯ୍ୟଜନକ କଥା । ଗତକାଲି କଂଗ୍ରେସ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରୁଥିବା ଅଂଶୁମାନ ଆଜି ବିଜେଡିରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ପ୍ରଶଂସାରେ ଶତମୁଖ ହେବା ଓ ରାଜନଗରରେ ବିଜେଡିକୁ ବିଜୟୀ କରିବାକୁ ପ୍ରତିଜ୍ଞା ନେବା ଏକ ହାସ୍ୟସ୍ପଦ ଘଟଣା ବୋଲି ସେ କହିଛନ୍ତି। ତେବେ ସେ ଦଳ ଛାଡ଼ିଥିବାରୁ ଏହାର ପ୍ରଭାବ କଂଗ୍ରେସ ଉପରେ ପଡିବ ନାହିଁ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ, ପିସିସି ସଭାପତି ପଟ୍ଟନାୟକ ଶନିବାର ଭଦ୍ରକରେ ଆୟୋଜିତ ଏକ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିବା ବେଳେ ପଟ୍ଟାମୁଣ୍ଡାଇଠାରେ ଅଟକି ଥିଲେ। ଏହି ଅବସରରେ ସେ ଖବରଦାତାଙ୍କ ପ୍ରଶ୍ନରେ ଏହି ଉତ୍ତର ଦେଇଥିଲେ ।

# ରାଜକନିକାରେ ପିସିସି ସଭାପତିଙ୍କୁ ସମ୍ବର୍ଦ୍ଧନା

ରାଜକନିକା,୧୭।୨(ସଞ୍ଜୟ କୁମାର ଦାଶ)

ଶନିବାର ପୂର୍ବାହ୍ନରେ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କୁ ରାଜକନିକା ଚନ୍ଦନ ପୋଖରୀ ଛକ ନିକଟରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଏକ ଦଳୀୟ କାର୍ଯ୍ୟକ୍ରମରେ ସେ ଯୋଗଦେବାକୁ ଯାଉଥିବା ସମୟରେ ଚନ୍ଦନ ପୋଖରୀ ଛକ ନିକଟରେ ସେ ଦଳୀୟ ନେତା ଓ କର୍ମୀଙ୍କ ଅନୁରୋଧ କ୍ରମେ ଅଟକି ଥିଲେ । ଏହାପରେ ସେ ସେଠାରେ ଦଳୀୟ ପତାକା ଉତ୍ତୋଳନ କରିଥିଲେ । ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରାଙ୍କ ସଂଯୋଜନାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ପୁଷ୍ପଗୁଚ୍ଛ, ଦଳୀୟ ଉତ୍ତରୀୟ ପ୍ରଦାନ କରି ତାଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ଲୋକନାଥ ମହାରଥି, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ନାରୀନେତ୍ରୀ ଡ. ଦେବସ୍ମିତା ଶର୍ମା, ପିସିସି ସଭ୍ୟ ବରିଷ୍ଠନେତା ବାବୁରାମ ଜେନା, ପୂର୍ବତନ ରାଜକନିକା ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପରିଡା, ବିଦ୍ୟାଧର ବରଜ, ଅଜୟ ଦାସ, ମୁରଲୀଧର ନାୟକ, ସତ୍ୟବ୍ରତ ପରିଡା, ରଞ୍ଜନ ସେଠୀ, ରଙ୍ଗଲାଲ ମଲିକ, ପ୍ରମୋଦ ପତି, ପ୍ରଫୁଲ୍ଲ ପୃଷ୍ଟି, ଯୁବନେତା ମେହେତାବ ଖାଁ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ ।



ପିସିସି ସଭାପତିଙ୍କୁ କଂଗ୍ରେସ କର୍ମୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

# ଭାଜପାର ଗାଁକୁ ଚାଲ ଅଭିଯାନ

ରାଜକନିକା,୧୭।୨(ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନ ମଣ୍ଡଳୀ ୨୯ନଂ.ଜୋନ୍ ଜୟନଗର ପଞ୍ଚାୟତରେ ୯୨ନଂ. ବୁଥରେ ଭାଜପାର ଗାଁକୁ ଚାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପୂର୍ବ କନିକା ମଣ୍ଡଳ ସଭାପତି ଦିଲୀପ ପରିଡ଼ାଙ୍କ ନେତୃତ୍ୱରେ ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଅଞ୍ଚଳ ନାୟକ, ୨୯ ନଂ. ଜୋନ୍ ସାଧାରଣ ସମ୍ପାଦକ ଅନ୍ତ ନାୟକ, ଶିଶିର ରାଉତ, ମିହିର ରାଉତ, ନିଗମାନନ୍ଦ ଦାସ ଓ ସେହି ବୁଥର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଜନକଲ୍ୟାଣ ଯୋଜନାର ବାର୍ତ୍ତା ସାଧାରଣ ଲୋକଙ୍କୁ ଅବଗତ କରାଇଥିଲେ ।

# ବାଲି ଟ୍ରକ୍ ଚଳାଚଳ ଯୋଗୁ ଲୋକେ ଅତିଷ୍ଠ

ପଟ୍ଟାମୁଣ୍ଡାଇ,୧୭।୨(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ଦାଣ୍ଡିସାହି, ଚଉଦକୁଲାଟ ଓ ପଟ୍ଟାମୁଣ୍ଡାଇ ବାଇପାସ ଛକ ରାସ୍ତାରେ ଦୈନିକ ଶତାଧିକ ବାଲି ବୋଝେଇ ହାଇୱା ଟ୍ରକ ଚଳାଚଳ ହେଉଛି। ରାସ୍ତାର ଉଭୟ ପାର୍ଶ୍ୱରେ ଏହା ଚାଲୁଥିବାରୁ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ସାଧାରଣଜନତା ନିଜ ଗନ୍ତବ୍ୟ ପଥକୁ ଯିବା ସମୟରେ ବାଟରେ ଅଟକି ସମସ୍ୟା ଭୋଗୁଛନ୍ତି । ଏପରିକି ରୋଗୀଙ୍କୁ ନେଇ ଆସୁଥିବା ଆମ୍ବୁଲାନ୍ସ ମଧ ଟ୍ରାଫିକ ଜାମ ଯୋଗୁ ବାଟରେ ଫସି ରହୁଛି। ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନକୁ ବାଲି ଉଡି ଲୋକଙ୍କୁ ଅତିଷ୍ଠ କରି ପକାଉଛି। ଏହାଛଡ଼ା ରାସ୍ତାରେ ବାଲି ଜମି ଯାତାୟାତରେ ଅସୁବିଧା ହେଉଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଆଇନଜୀବୀ ପ୍ରମୋଦ ସାହୁ, ବୁଦ୍ଧିଜୀବୀ ରାଧାଶ୍ୟାମ ସାହୁ, ଅନନ୍ତ ଦାଶ ପ୍ରମୁଖ କୁହନ୍ତି, କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଧୀନ ନୀଳକଣ୍ଠପୁର, ତମଳାଶାସନ ଓ ଚନ୍ଦନପୁର ଆଦି ବ୍ରାହ୍ମଣୀ ନଦୀର ବେଆଇନ ଘାଟରୁ ବାଲି ଲୋଡ଼କରି ଟ୍ରକଗୁଡିକ ଚଉଦକୁଲାଟ–ନିଳକଣ୍ଠପୁର–ବାଇପାସ ପଟ୍ଟାମୁଣ୍ଡାଇ ବଜାରଦେଇ ରାଜନଗର, ମହାକାଳପାଡା, ଆଳି ଓ ରାଜକନିକା ସମେତ ଭଦ୍ରକ, ଯାଜପୁର ଜିଲ୍ଲାକୁ ସପ୍ଲାଇ କାରାଯାଉଛି । ଫଳରେ ରାସ୍ତାରେ ବାଲି ଉଡିପଡିବା ସହିତ ବଜାରରେ ଟ୍ରାଫିକ ସମସ୍ୟା ଦେଖା ଯାଉଛି । କଟକ ଚାନ୍ଦବାଲି ରାଜ୍ୟ ରାଜପଥକୁ ବାହାରିବା ପାଇଁ ଏହି ରାସ୍ତାଟି ବାଟ ହୋଇଥିବାରୁ ଟ୍ରକଚାଳକମାନେ ଯାତାୟାତ ପାଇଁ ଏହି ରାସ୍ତାକୁ ବାଛି ନେଇଛନ୍ତି। ଦୈନିକ ଶହଶହ ହାଇୱା ଚଳାଚଳ କରିବାରୁ ରାସ୍ତାରେ ଗାତ ସୃଷ୍ଟି ହୋଇ ଜନସାଧାରଣ ଯାତାୟତରେ ହଇରାଣହରକତ ହେଉଛନ୍ତି। ଏହା ଏକ ସଂକୀର୍ଣ୍ଣ ରାସ୍ତା ହେଇଥିବାବେଳେ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହା ମଧ୍ୟରେ ସରକାରୀ ସ୍କୁଲ, ହାଟ, ଅଫିସ ଓ ଦୋକାନ ବଜାର ଆଦି ରହିଛି। ମାତ୍ର ପ୍ରଶାସନର ନିଘାନଥିବାରୁ ସାଧାରଣ ଲୋକେ ଅସୁବିଧାର ସମୁଖୀନ ହେଉଛନ୍ତି। ସେହିପରି ସାମାଜିକ କର୍ମୀ ନରେନ୍ଦ୍ର ଧଳ, ଅଭୟ ସ୍ୱାଇଁ, ଚିତ୍ତରଞ୍ଜନ ମଲିକ ପ୍ରମୁଖ କୁହନ୍ତି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଅମୃତମଣୋହି, ଅଳପୁଆ, ତରଡିପାଳ ଘାଟରୁ ଦୈନିକ ଶତାଧିକା ବାଲି ହାଇୱା ଚଳପ୍ରଚଳ କରୁଛି । ଫଳରେ ଅଣରା ବଜାର, ଦାଣ୍ଡିସାହି ବଜାର ସମେତ ଅଖପାଖ ଗ୍ରାମର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି। ବାରମ୍ବାର ସ୍ଥାନୀୟ ତହସିଲଦାରଙ୍କୁ ଅଭିଯୋଗ କରିବା ସହିତ ପୋଲିସ ପ୍ରଶାସନଙ୍କୁ ମଧ୍ୟ ଜଣାଇଛୁ । ମାତ୍ର ଏହାର କୌଣସି ପ୍ରତିକାର ହେଉନାହିଁ। ଫଳରେ ଲୋକଙ୍କ ଘରେ ବହଳେ ବହଳେ ବାଲି ଉଡିପଡୁଥିବା ବେଳେ ବାଜାରରେ ଟ୍ରଫିକ ସମସ୍ୟା ଦେଖିବାକୁ ମିଳୁଛି । ଲୋକଙ୍କ ସୁରକ୍ଷା ପାଇଁ ଉକ୍ତ ରାସ୍ତାରେ ଟ୍ରକ ଚଳାଚଳକୁ ବନ୍ଦ କରିବା ପାଇଁ ଅଂଚଳବାସୀଙ୍କ ପକ୍ଷରୁ ଦାବି କରାଯାଉଥିଲେ ମଧ୍ୟ କେହିକର୍ଣ୍ଣପାତ କରୁନାହାନ୍ତି ବୋଲି ସେମାନେ କହିଛନ୍ତି । ସଂକ୍ରାନ୍ତରେ ତହସିଲଦାରଙ୍କୁ ପଚାରିବାରୁ ଏ ନେଇ ପୋଲିସକୁ ଅବଗତ କରାଯିବ ବୋଲି କହିଛନ୍ତି ।




ରାସ୍ତା ମଝିରେ ଯାତାୟାତ କରୁଥିବା ବାଲି ବୋଝେଇ ହାଇୱା।

■ ପ୍ରଶାସନ ପାଲଟିଛି ନୀରବଦ୍ରଷ୍ଟା

■ ବଢୁଛି ଦୁର୍ଘଟଣା, ଲୋକଙ୍କ ଘରେ ଜମୁଛି ବାଲି

**ସାଇ ମନ୍ଦିରରେ ଯଜ୍ଞଶାଳା ଉଦ୍‌ଘାଟନ**

**ଦଶପଲ୍ଲା,(ପ୍ରକାଶ କୁମାର ପାଣି):** ଦଶପଲ୍ଲା କୃଷ୍ଣ ଚନ୍ଦ୍ରପୁରପାଟଣାସ୍ଥିତ ସାଇ ମନ୍ଦିର ପରିସରରେ ମାନସିକ କଳସ ଯାତ୍ରା, ପାଞ୍ଚ ଗୁରୁବାର ବ୍ରତ, ଯଜ୍ଞ ଶାଳା ଗୃହ ଉଦଘାଟନ ଉତ୍ସବ ଅନୁଷ୍ଠିତହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ,ଅଧିବାସ, ସୂର୍ଯ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ଏଥି ନିମନ୍ତେ ଏକ କଳସ ଯାତ୍ରା ଆୟୋଜିତ ହୋଇଥିଲା। କୁଆଁରିଆ ନଦୀତଟରୁ କଳସରେ ଜଳ ଧରି ସାଇ ଭକ୍ତମାନେ ଶୋଭାଯାତ୍ରାରେ ବିଭିନ୍ନ ଗ୍ରାମ ପରିକ୍ରମା କରି ମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଏହାପରେ ସାଇ ନାଥଙ୍କୁ ପାଲିଙ୍କିରେ ବସାଇ ଚଉଡ଼ି ଯାତ୍ରାରେ ବାହାରିଥିଲେ। ଏହି ଉପଲକ୍ଷେ ଦିନତମାମ ସାଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ଶିରିଡ଼ି ସାଇ ମନ୍ଦିର ଟ୍ରଷ୍ଟ ଦଶପଲ୍ଲାର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ସଂକ୍ଷେପରେ**

## ଜି.ଉଦୟଗିରି ଲ୍ୟାମ୍ପ ପରିଚାଳନା ପରିଷଦର ସାଧାରଣ ବୈଠକ

ଜି.ଉଦୟଗିରି,୧୭।୨ (ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ଲ୍ୟାମ୍ପ ପରିଚାଳନା ପରିଷଦର ସାଧାରଣ ବୈଠକ ସ୍ଥାନୀୟ ସିର୍କୀ ଘାଇଠାରେ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ ସଭାପତି ଯମେସ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲ୍ୟାମ୍ପର ପରିଚାଳନା ନିର୍ଦ୍ଦେଶକ ଶିଶିରକାନ୍ତ ତ୍ରିପାଠୀ ଯୋଗଦେଇ ଆଗାମୀ ଦିନରେ ଲ୍ୟାମ୍ପରେ ବିଶ୍ୱାସ ଓ ଭରସା କରୁଥିବା ଚାଷୀ ଭାଇ ଭଉଣୀ କିଭଳି ବିଭିନ୍ନ ଯୋଜନାରେ ଲାଭବାନ ହୋଇପାରିବେ ସେ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସାଧାରଣ ବୈଠକରେ ବହୁ ନିର୍ଦ୍ଦେଶକ ଓ କର୍ମକର୍ତ୍ତା ଯୋଗଦେଇ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ସମ୍ପର୍କରେ ମତ ସାବ୍ୟସ୍ତ କରିଥିଲେ। ଏହି ବୈଠକରେ ନିର୍ଦ୍ଦେଶକ ଡ଼ ଦିଲ୍ଲୀପ କୁମାର ବଳ, ଜିଲା ପରିଷଦ ସଭ୍ୟା ଲିଲିମା ପ୍ରଧାନ, ମାୟାବନ୍ଧୁ ପ୍ରଧାନ, ରଜନେ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମୋହନା ଆଞ୍ଚଳିକ ସମନ୍ୱୟ ବିକାଶ କ୍ରିୟାନୁଷ୍ଠାନ ପରିଷଦ ପକ୍ଷରୁ ଦାବିପତ୍ର

ମୋହନା,୧୭।୨(ମନ୍ମଥ ମିଶ୍ର):

ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ବ୍ଲକ ମୋହନା ୩୧ଟି ପଞ୍ଚାୟତକୁ ନେଇ ଗଠିତ। ଏଠି ରହିଛି ବହୁ ସମସ୍ୟା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ସାଧାରଣ ଜନତା ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ। ଦୀର୍ଘ ବର୍ଷର ଦାବିକୁ କେନ୍ଦ୍ର ଓ ରାଜ୍ୟ ସରକାର ତୁରନ୍ତ ପୂରଣ କରିବାକୁ ନେଇ ଶନିବାର ମୋହନା ଆଞ୍ଚଳିକ ସମନ୍ୱୟ ବିକାଶ କ୍ରିୟାନୁଷ୍ଠାନ ପରିଷଦର ଆବାହକ ସିରିଏଲ୍ ନାୟକଙ୍କ ନେତୃତ୍ୱରେ ଶିକ୍ଷାବିତ ମଧୁସୂଦନ ପାଢ଼ୀ, ବରିଷ୍ଠ ଓକିଲ ଦୁର୍ଯ୍ୟୋଧନ କରଡ଼ା, ଖବରଦାତା ଲକ୍ଷ୍ମଣ ଚୌଧୁରୀ, ମନ୍ମଥ ମିଶ୍ର, ପ୍ରେସ୍ କ୍ଲବ୍ ସଭାପତି ପଞ୍ଚାନନ ଦାଶ, ସମିତିସଭ୍ୟ ବାଳକୃଷ୍ଣ ମଳିକ, ଚନ୍ଦ୍ରଗିରି ଜିଲା ପରିଷଦ ସଭ୍ୟ ସୁନିଲ କୁମାର ବିଷୋୟୀ, ଭବାନୀ ଶଙ୍କର ମହାପାତ୍ର ପ୍ରମୁଖଙ୍କ ଉପସ୍ଥିତିରେ ବିଡ଼ିଓଙ୍କ ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ୪ଟି ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ୧୫ ବର୍ଷ ହେଲା କାଗଜ କଲମରେ ରହିଯାଇଥିବା ଗୋପାଳପୁର-ମୋହନା-ରାୟଗଡ଼ା ରେଳପଥ ସଂଯୋଗୀକରଣ, ଛତିଶଗଡ଼ ରାଜ୍ୟର ରାୟପୁରଠାରୁ ମୋହନା ଦେଇ ପାରଳାଖେମୁଣ୍ଡିକୁ ଜାତୀୟ ରାଜପଥ ନିର୍ମାଣ, ମୋହନାଠାରେ କର୍ମନିଯୁକ୍ତି କାର୍ଯ୍ୟାଳୟ ଓ ସବ-ଟ୍ରେଜେରୀ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ଦାବି ଉପସ୍ଥାପନା କରିଛନ୍ତି।

# ଆମ ହସ୍ପିଟାଲର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଦାରିଙ୍ଗବାଡ଼ି, ୧୭।୨(ଅରୁଣ ସାହୁ)

ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତର କାର୍ଯ୍ୟ କରାଯିବା ପରେ ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହାର ଶୁଭାରମ୍ଭ କରିଛନ୍ତି। ତାଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି ଉଦ୍‌ଘାଟନ ଉତ୍ସବ ପାଇଁ ଦାରିଙ୍ଗବାଡିଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଧାନସଭାର ଉପବାଚସ୍ପତି ସାଲୁଗା ପ୍ରଧାନ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ପ୍ରସନ୍ନ କୁମାର ତ୍ରିପାଠୀ, ବ୍ଲକ ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ, ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ଜିଲା ପରିଷଦ ସଦସ୍ୟ ରଞ୍ଜନ ପ୍ରଧାନ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ଅନ୍ୟ ଲୋକପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ ପରିଚାଳନା କରିଥିବା ବେଳେ ସମସ୍ତ କାର୍ଯ୍ୟରତ ମେଡିକାଲ ଅଫିସର, ମହିଳା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଓ ଆଶା, ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।



ବାଲିଗୁଡ଼ାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ପ୍ରକାଶ ଯେ, ମୋ ହସ୍ପିଟାଲ ଯୋଜନାରେ ରୂପାନ୍ତର କରାଯାଇଛି। ସେହିପରି ମିଶନ ଶକ୍ତି କାଫେ ଖୋଲାଯିବା ବ୍ୟବସ୍ଥା କରାଯାଇଛି, ଯେଉଁଠି ରୋଗୀଙ୍କ ପାଇଁ ସୁଲଭ ମୂଲ୍ୟରେ ଖାଦ୍ୟ ମିଳିପାରିବ। ମୋ ହସ୍ପିଟାଲ ଯୋଜନାରେ ରାଜ୍ୟର ୧୫ଟି ଜିଲାରେ ୭୩ଟି ଆମ ହସ୍ପିଟାଲ ଶୁଭାରମ୍ଭ ହୋଇଥିବା ବେଳେ ଏଥିରେ ଜିଲାର ଦାରିଙ୍ଗବାଡ଼ି ସମେତ ବାଲିଗୁଡ଼ା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭାରମ୍ଭ ହୋଇଛି।

**ବାଲିଗୁଡା (ସଞ୍ଜୟ କୁମାର ପାଣିଗ୍ରାହୀ)-** ସେହିପରି ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ରୂପାନ୍ତର କାର୍ଯ୍ୟ କରାଯିବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ରହି ପରିଚାଳନା କରିଥିଲେ। ଏହି ଉଦଘାଟନ ଉତ୍ସବ ପାଇଁ ବାଲିଗୁଡା ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣି କହଁର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥିଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଳିକ, ସାଂସଦ ପ୍ରତିନିଧି ତଥା ବ୍ଲକ ବିଜେଡି ସଭାପତି ଗୁନା ଦାସ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଓ ଅନ୍ୟ ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପାରଳାଖେମୁଣ୍ଡି ଗସ୍ତରେ ବିଶାଖାପାଟଣା ଡିଆର୍‌ଏମ୍



ପାରଳାଖେମୁଣ୍ଡି, ୧୭।୨ (ଗିରିଧାରୀ ପରିଛା): ବିଶାଖାପାଟଣାମ ଡିଆରଏମ ସୌରଭ ପ୍ରସାଦ ଶନିବାର ଦିନିକିଆ ପାରଳାଖେମୁଣ୍ଡି ଗସ୍ତକରି ରେଳବାଇ ଷ୍ଟେଶନ ନିର୍ମାଣ ଓ ଟ୍ରାକର ଦୋହରୀକରଣ ସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ ବୁଲି ଦେଖିଛନ୍ତି। ଏହାସହ ନୌପୁଡା ଗୁଣୁପୁର ରେଳପଥରେ ଅଧିକ ଟ୍ରେନ କିଭଳି ଚଳାଚଳ କରିପାରିବ ତାହାକୁ ମଧ ସମୀକ୍ଷା କରିଛନ୍ତି । ପାରଳାଖେମୁଣ୍ଡି ଷ୍ଟେଶନ ଓ ରେଲୱେ କ୍ରସିଂଗୁଡିକରେ ସୁଧାର ଆଣିବା ପାଇଁ ଜିଲା ପ୍ରଶାସନ ପାଖରୁ ସମସ୍ତ ଅନୁମତି ମିଳିଥିବା ସୂଚନା ଦେଇଛନ୍ତି । ଷ୍ଟେଶନ ନିକଟରେ ଗୋଟିଏ ରୁଫପ୍ଲାଜା ନିର୍ମାଣ କରାଯିବ, ଯାହାର ସମସ୍ତ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ। ଯଥାଶୀଘ୍ର ଏହି ସମସ୍ତ କାର୍ଯ୍ୟକୁ ସମ୍ପନ୍ନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେପଟେ ଗୁଣପୁର ଠାରୁ ଥେରୁବାଲି ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରେଳବାଇ ମନ୍ତ୍ରାଳୟ ଓ କେନ୍ଦ୍ର ରେଳମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟ କରାଯାଉଥିବା ଡିଆରଏମ ସୌରଭ ପ୍ରସାଦ କହିଛନ୍ତି।

# ବାର୍ଷିକ ଉତ୍ସବ 'ଦର୍ପଣ' ଅନୁଷ୍ଠିତ




ପାରଳାଖେମୁଣ୍ଡି,୧୭।୨ (ଗିରିଧାରୀ ପରିଛା): ଆକର୍ଷଣୀୟ ସାଂସ୍କୃତିକ ପରିବେଶ ମଧ୍ୟରେ ସ୍ମାର୍ଟ ସ୍କୁଲ ପାରଳାଖେମୁଣ୍ଡିର ବାର୍ଷିକ ଉତ୍ସବ 'ଦର୍ପଣ-୨୩' ସ୍ଥାନୀୟ ଗୁଣ୍ଡିଚା ବାଡ଼ି ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ପାରଳା ପୌରାଧ୍ୟକ୍ଷା ନିର୍ମଳା ସେଠୀ ଯୋଗଦେଇ ଶୁଭାରମ୍ଭ କରିଥିଲେ। ସିନେ ତାରକା ସୂର୍ଯ୍ୟମୟୀ ମହାପାତ୍ର, ପ୍ରିନ୍ସ ଡାନ୍ସ ଗ୍ରୁପର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଟି. କ୍ରିଷ୍ଣା ମୋହନ ରେଡ୍ଡୀ, ପ୍ରାର୍ଥନା ଏବଂ ସିଦ୍ଧାର୍ଥ ଟିଭି ଚାନେଲର ବିଚାରକ ତଥା ଓଡିଶୀ ନୃତ୍ୟଗୁରୁ ବିବେକାନନ୍ଦ ମହାନ୍ତି, ଓଡିଶୀ ସଂଗୀତ ଏକାଡେମୀ ପୁରପୁରସ୍କାରପ୍ରାପ୍ତ ଗୁରୁ ରଘୁନାଥ ପାତ୍ର ଏବଂ ଜିଲ୍ଲା ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୁଣନିଧି ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସଂଗୀତା ସାହୁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ପରିଚାଳନା ସଭ୍ୟା ସ୍ୱାଗତିକା ମିଶ୍ର ଅଭିଭାଷଣରେ ବର୍ତ୍ତମାନର ଶିକ୍ଷା ପ୍ରଣାଳୀର ଆବଶ୍ୟକତା, ଛାତ୍ରୀଛାତ୍ରଙ୍କ ଆବଶ୍ୟକତା ଏବଂ ଅଭିଭାବକମାନଙ୍କର ଉତ୍ତରଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ଉପସ୍ଥାପିକା ସବିତା ବିଷୋୟୀ ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁ ରୂପରେ ଉପସ୍ଥାପିତ କରିଥିଲେ। ଲୀନା କର, ରଞ୍ଜିତା ପଟ୍ଟନାୟକ, ହରି ସାହୁକାର ତଦାରଖ ଏବଂ ପରିଚାଳନା କରିଥିଲେ। ପରିଚାଳନା ସଭ୍ୟ ମନୋଜ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।

## ବାରିକୁମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

ଖଜୁରିପଡ଼ା,୧୭।୨(ବିଦୁର ବେହେରା)- ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ଅଧୀନସ୍ଥ ବାରିକୁମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ଦିଗାଲଙ୍କ ସଭାପତିତ୍ୱରେ ହୋଇଥିବା ଏହି ବାର୍ଷିକ ଉତ୍ସବ ପାଇଁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଆନନ୍ଦର ଲହରୀ ଖେଳି ଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବଲସକୁମ୍ପା ପଞ୍ଚାୟତ ସରପଞ୍ଚ ଅମ୍ବିକା କହଁର ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ବିବାର ଗଣ୍ଡା, ୱାର୍ଡ ମେମ୍ବର ସନ୍ଧ୍ୟାରାଣୀ ଗଣ୍ଡା, ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପୂର୍ବରୁ ଛାତ୍ରୀମାନଙ୍କ ଖେଳ, ସଙ୍ଗୀତ, ହସ୍ତାକ୍ଷର ଏବଂ ବିଭିନ୍ନ ବିଭାଗରେ ପ୍ରତିଯୋଗିତା ହୋଇଥିବା ବେଳେ ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ରମାନଙ୍କୁ ଟ୍ରଫି ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା।

## ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଧାରଣା

ମୋହନା,୧୭।୨(ମନ୍ମଥ ମିଶ୍ର):

୨୦୧୭ ମସିହାରୁ ୨୦୨୪ ଦୀର୍ଘ ୭ ବର୍ଷ ଧରି ବିଭିନ୍ନ ସମୟରେ ଓଡ଼ିଶାର ପ୍ରାନ୍ତ ଅନୁକୋଣରୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସମାଜ ନିଜର ନ୍ୟାଯ୍ୟଦାବି ହାସଲ କରିବା ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଅନଶନ, ବିକ୍ଷୋଭ ଓ ଧାରଣା ଦେଇଆସୁଛନ୍ତି କିନ୍ତୁ ସରକାର ସେମାନଙ୍କୁ ଭୁଆଁ ବୁଲାଉଛନ୍ତି। ଏହାର ପ୍ରତିବାଦରେ ଶନିବାର ମୋହନା ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ସ୍ଥାନୀୟ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବା ସହ ଶିକ୍ଷକ ସମୂହର ହକ୍ ଦାବି ସମ୍ପର୍କରେ ଅବଗତ କରିବା ସହ ବିଇଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ୫ଟି ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସରକାର ସେମାନଙ୍କର ନ୍ୟାଯ୍ୟଦାବି ଯଦି ପୂରଣ ନ କରନ୍ତି ତେବେ ଶିକ୍ଷକ ସମାଜ ଆନ୍ଦୋଳନକୁ ତୀବ୍ରତର କରିବେ ବୋଲି କହିଛନ୍ତି।

## କୋଟଗଡ଼ରେ କଂଗ୍ରେସର ମିଶ୍ରଣ ପର୍ବ

କୋଟଗଡ଼,୧୭।୨(ସରୋଜ ବଳିଆର ସିଂ)

କୋଟଗଡ଼ ବ୍ଲକରେ କଂଗ୍ରେସ ଦଳର ବ୍ଲକ ସଭାପତି ସରୋଜ ବେହେରାମାଝି, ସୁରୁଧ ପ୍ରଧାନ, ଜିରିମିୟ ସୁନାମଝିଙ୍କ ନେତୃତ୍ୱରେ କଂଗ୍ରେସ ଦଳ ବହୁ କର୍ମ କୋଟଗଡ଼ ହରିଡା ଗାଡ଼ ନିକଟରେ ଏକତ୍ରିତ ହୋଇ ଶୋଭାଯାତ୍ରା ହୋଇଥିଲା। ଏହି ଶୋଭାଯାତ୍ରା ନଗର ପରିକ୍ରମା କରିବା ପରେ ଆଦିବାସୀ ପଡିଆରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଜ୍ୟ ଉପସଭାପତି ନକୁଳ ନାୟକ, ଜିଲା ସଭାପତି ଚନ୍ଦ୍ର ଶେଖର ପରିଡ଼ା, ଯୋବସଭାପତି ଚନ୍ଦନ ପଣ୍ଡା, ପୂର୍ବତନ ଜିଲା ସଭାପତି ଅନାମ ନାୟକଙ୍କ ଉପସ୍ଥିତିରେ ଶତାଧିକ ବିଜେଡି, ଭାଜପା କର୍ମୀ ଦଳ ଛାଡି କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି।

# ସିମନବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଦାରିଙ୍ଗବାଡି,୧୭।୨(ଅରୁଣ ସାହୁ)- ଦାରିଙ୍ଗବାଡ଼ି ବ୍ଲକ ସିମନବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଦେଶୀ ନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବିଧାନସଭାର ଉପ ବାଚସ୍ପତି ସାଲୁଗା ପ୍ରଧାନ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥିଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ବିଡିଓ ଗଦାଧର ପାତ୍ର, ତହସିଲଦାର ଶରତ ଶବର, ସିମନବାଡି ଭାରତୀୟ ଷ୍ଟେଟ ବ୍ୟାଙ୍କର ଶାଖା ପରିଚାଳକ କଲ୍ଲୋଳ ଚନ୍ଦ୍ର ପାଣିଗ୍ରାହୀ, ବିଇଓ ରସାନନ୍ଦ କର, ଏବିଇଓ ଗୋକୁଳ ଚନ୍ଦ୍ର ନାୟକ, ବନମାଳୀ ମାଝୀ, ସରପଞ୍ଚ ଅମିତା ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପରମେ ପ୍ରଧାନ, ଛାତ୍ର ସଂଘର ସଭାପତି ଏସ. ସୁନୀଲ କୁମାର ସୁବୁଦ୍ଧି ମଞ୍ଚାସୀନ ଥିଲେ। ସେହିପରି ଏହି ନିର୍ବାଚନ ମଣ୍ଡଳୀର ଦୁଇ ଦୁଇ ଥର ବିଧାୟକ ହୋଇଥିବା ବେଳେ ହାଇସ୍କୁଲ ସମୟରୁ ଛାତ୍ର ନେତାଠାରୁ ଆରମ୍ଭ ଓ ଏବେ ବିଧାନସଭାର ବାଚସ୍ପତି ଏକ ସାମ୍ବିଧାନିକ ପଦବୀରେ ରହିଥିବା ଉକ୍ତ ବ୍ଲକର ଅନୁସୂଚିତ ଜନଜାତି ସମ୍ପ୍ରଦାୟର ନେତା ସାଲୁଗା ପ୍ରଧାନଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧିତ କରାଯିବା ସହ ମାନପତ୍ର ସହ ମେମେଣ୍ଟୋ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମାଧୁରୀ ଦିଗାଲ, ରଶ୍ମିତା ତ୍ରିପାଠୀ, ସରସ୍ୱତୀ ବିଶ୍ୱାଳ, ଅର୍ଣ୍ଣପୂର୍ଣ୍ଣା ପ୍ରଧାନ, ସୋନାଲିଶା ସାହୁ, ସୁନତା ପ୍ରଧାନ, ବବିତା ଛାଟିଆ, କଳ୍ପନା ସେଠି, ସଭାପତି ପରମେ ପ୍ରଧାନ, ଛାତ୍ର ସଙ୍ଘ ସଭାପତି ସୁନୀଲ ସୁବୁଦ୍ଧି, ବରୁଣ ବେହେରା, ବେଣୁଧର ବେହେରା, ସ୍ୱାଗତିକା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହଯୋଗ କରିଥିଲେ।




## ଅଟୋ ସହ ଗଞ୍ଜେଇ ଜବତ, ବେପାରୀ କୋର୍ଟଚାଲାଣ

ଫିରିଙ୍ଗିଆ,୧୭।୨(ବିକ୍ରମ ଦିଗାଲ): ଫିରିଙ୍ଗିଆ ଥାନା ଅନ୍ତର୍ଗତ ଯୋକେ ଛକରେ ପୋଲିସ ଏକ ଅଟୋ ସହ ଗଞ୍ଜେଇ ଜବତ କରିଛି। ବେଆଇନ ଚାଲାଣ ଅଭିଯୋଗରେ ଗଞ୍ଜେଇ ବେପାରୀ ବନ୍ଧଗଡ଼ ଗାଁର ଦିନେଶ ଦେହୁରୀଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ସେ ଏକ ଅଟୋରେ ୧୫ କିଲୋ ଗଞ୍ଜେଇ ଚାଲାଣ କରୁଥିବା ସମୟରେ ପୋଲିସ ଧରିଥିଲା। ଏ ନେଇ ଫିରିଙ୍ଗିଆ ଥାନାରେ ନଂ.୪୬/୨୪ରେ ଏକ ମାମଲା ରୁଜୁ ହୋଇଛି।

## ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

**ଚିକିଟି,୧୭।୨(ପ୍ରକାଶ ଚନ୍ଦ୍ର ସାହୁ)**

ଶନିବାର ଅପରାହ୍ନରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷାଦେବୀ ଗଞ୍ଜାମ ଜିଲା ୧୨ ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ଚିକିଟି ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ୱାର୍ଡ ଗସ୍ତକରି ପ୍ରକଳ୍ପ ଗୁଡିକର ଉଦ୍‌ଘାଟନ କରିଛନ୍ତି। ୧ ନମ୍ବର ୱାର୍ଡ ହରିଜନ ସାହି ନିକଟରେ ଉନ୍ନତି ଯୋଜନାରେ ୭୫ ଲକ୍ଷ ଟଙ୍କା ବିନିମୟ ହୋଇଥିବା ଏକ ସ୍ମାର୍ଟପାର୍କକୁ ଉଦ୍‌ଘାଟନ କରିଥିବା ବେଳେ ୬ ନମ୍ବର ୱାର୍ଡରେ ଅମୃତ ଯୋଜନାର ୭୧ ଲକ୍ଷ ଟଙ୍କା ବିନିମୟ ହୋଇଥିବା ଚିକିଟିପେଣ୍ଠସ୍ଥିତ ନେଳିଆ ବନ୍ଧ ଉଦ୍‌ଘାଟନ କରିଥିଲେ। ସେହିପରି ୧ ନମ୍ବର ୱାର୍ଡରେ ୮୧ ଲକ୍ଷ ଟଙ୍କା ବିନିମୟରେ ହେବାକୁ ଥିବା ଚିକିଟିଗଡ଼ ସ୍ଥିତ ମହାଦେଇ ବନ୍ଧର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବା ବେଳେ ୮୮ ଲକ୍ଷ ଟଙ୍କା ବିନିମୟରେ ହେବାକୁ ଥିବା ବଡ଼ ନୂଆବନ୍ଧକୁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ ଏବଂ କାରବାଲୁଆ ଛକ ନିକଟରେ ହୋଇଥିବା ଏଣ୍ଟ୍ରାନ୍ସ ଗେଟକୁ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ, ଚିକିଟି ତହସିଲଦାର ବଳଦେବ ବେହେରା, ଚିକିଟି ବିଜ୍ଞାପିତ ଅଞ୍ଚଳପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ କୁଳଦୀପ କୁମାର, ଏନ୍‌ଏସି ଅଧ୍ୟକ୍ଷା ଦୀପା କୁମାରୀ ସାହୁ ସମେତ ଏନଏସିର ସମସ୍ତ କାଉନସିଲ ଉପସ୍ଥିତ ଥିଲେ।

## ବାରଖମାକୁ ନୂତନ ବ୍ଲକ ଘୋଷଣା ନେଇ ଦାବିପତ୍ର

ବାଲିଗୁଡା,୧୭।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବାଲିଗୁଡାର ୧୫ ନମ୍ବର ଜିଲା ପରିଷଦ ଜୋନ ବାରଖମାକୁ ନୂତନ ବ୍ଲକ ଘୋଷଣା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶନିବାର ବ୍ଲକ ସଂଗ୍ରାମ ମଞ୍ଚ ପକ୍ଷରୁ ୮ଟି ପଞ୍ଚାୟତର ଶତାଧିକ ମହିଳା ଓ ପୁରୁଷ ଏକତ୍ରିତ ହୋଇ ବାଲିଗୁଡା ଗାନ୍ଧୀ ଛକଠାରୁ ବିଭିନ୍ନ ସ୍ଲୋଗାନ ମାନ ଦେଇ ଦାବୀ ସମ୍ପର୍କିତ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରା ମାଧ୍ୟମରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିଭିନ୍ନ ଦାବୀ ସମ୍ପର୍କରେ ମତ ରଖିବା ପରେ ସହକାରୀ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ପ୍ରଦାନ କରିଥିଲେ। ବାଲିଗୁଡ଼ା ବ୍ଲକ ଅଧୀନରେ ରହିଥିବା ୧୫ ନମ୍ବର ଜିଲା ପରିଷଦ ଜୋନରେ ବାରଖମା, ରେବିଙ୍ଗିଆ, ସଲାଗୁଡା, ସୁଦ୍ରା, ସିନ୍ଧିଗାଁ, କୁଟିକିଆ, ଖମନଖୋଲ ଓ ଲଣ୍ଡାଗାଁ ଏପରି ୮ ପଞ୍ଚାୟତ ରହିଛି। ବାଲିଗୁଡ଼ା ବ୍ଲକ ସଦର ମହକୁମାଠାରୁ ଏହି ପଞ୍ଚାୟତ ଗୁଡିକ ୨୦ କିଲୋମିଟରଠାରୁ ଆରମ୍ଭ କରି ୫୦ କିଲୋମିଟର ଦୂରତା ମଧ୍ୟରେ ରହିଛି। ୧୫ ନମ୍ବର ଜିଲା ପରିଷଦ ଜୋନରେ ୧୬୦ ରାଜସ୍ୱ ଗ୍ରାମ ରହିଥିବା ବେଳେ ଜନସଂଖ୍ୟା ୮୦ ହଜାରରୁ ଊର୍ଦ୍ଧ୍ୱ ଓ ୩୭ ହଜାର ୭ ସହ ୯୩ ଭୋଟର ରହିଛନ୍ତି। ଏହି ପଞ୍ଚାୟତ ଗୁଡିକ ଭୌଗଳିକ ଦୃଷ୍ଟିକୋଣରୁ ପାହାଡ, ପର୍ବତ, ନଦୀ, ନାଳ ଓ ଜଙ୍ଗଲ ଘେରା ଅଞ୍ଚଳ ରହୁଛି। ଯାହା ଫଳରେ କେନ୍ଦ୍ର ଓ ରାଜ୍ଯ ସରକାରଙ୍କ ବିଭିନ୍ନ ଯୋଜନାର ସଫଳତା ଲୋକଙ୍କ ନିକଟରେ ଠିକ ସମୟରେ ପହଞ୍ଚି ପାରୁନାହିଁ। ଯଦି ସରକାର ୧୫ ନମ୍ବର ଜିଲା ପରିଷଦ ଜୋନ ବାରଖମାକୁ ନୂତନ ବ୍ଲକ ଘୋଷଣା କଲେ ସାଧାରଣ ଲୋକଙ୍କ ନିକଟରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳ ପରିମଳ, ମହିଳା ଓ ଶିଶୁ ବିକାଶ ଯୋଜନା ବିଭିନ୍ନ ଅଞ୍ଚଳରେ ହାତ ପାଆନ୍ତାରେ ପହଞ୍ଚିବାରେ ସହଜ ହେବ ଓ ଲୋକେ ଉପକୃତ ହୋଇପାରିବେ। ଏହି ଶୋଭାଯାତ୍ରାରେ ବ୍ଲକ ସଂଗ୍ରାମ ମଞ୍ଚର ସଭାପତି ଜୟ ଚନ୍ଦ୍ର ନାୟକ, ସମ୍ପାଦକ ବିରେନ୍ଦ୍ର କୁମାର ସାହୁଙ୍କ ସମେତ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବେନ୍ଦ୍ର କହଁର, ବିଜେଶ୍ୱର ମଲ୍ଲିକ, ପରମା ନନ୍ଦ ନାୟକ, ଜୟରାମ ଦଣ୍ଡିଆ,ପୁରୁଷୋତ୍ତମ ବେହେରା, ହେରଦ ନାୟକ, ଲକ୍ଷ୍ମୀ ନାରାୟଣ ଦଣ୍ଡିଆ, ଉମା ଚରଣ ଦିଗାଳ, ନୀଳକଣ୍ଠ ଦଣ୍ଡିଆ,ବଂଶୀଧର ଦଣ୍ଡିଆ, ରାଧାକାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

# ବିଜେଡି-ଭାଜପାର ବାହାଘର କଲା କଂଗ୍ରେସ

ଫୁଲବାଣୀ,୧୭।୨(ରାକେଶ କୁମାର ରାଉତ):

ବିଜେଡି-ଭାଜପା ମଧ୍ୟରେ ରହିଥିବା ସମ୍ପର୍କକୁ ଲୋକଲୋଚନକୁ ଆଣିବା ପାଇଁ ଶନିବାର କନ୍ଧମାଳ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି-ଭାଜପା ବିବାହ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଗତ ଦିନରେ ରାଜ୍ୟସଭା ପାଇଁ ଭାଜପା ପାର୍ଥି ଅଶ୍ୱିନ ବୈଷ୍ଣବଙ୍କୁ ବିଜେଡିର ଖୋଲା ସମର୍ଥନ ଉଭୟ ଦଳ ମଧ୍ୟରେ ରହିଥିବା ଭିତିରିଆ ସମ୍ପର୍କର ପ୍ରମାଣ ବୋଲି କଂଗ୍ରେସ କହିଛି। ଉଭୟ ଭାଜପା, ବିଜେଡି ନିଜ ନିଜ ଦଳର ସୁବିଧା ପାଇଁ ଓଡିଶାର ଜନସାଧାରଣଙ୍କୁ ମିଛ କହି ଚାଲିଛନ୍ତି, କିନ୍ତୁ ଭିତରେ ଏକ ହୋଇ ରହିଛନ୍ତି। ଏହାକୁ ବିରୋଧ କରି ଜିଲା କଂଗ୍ରେସ ପକ୍ଷରୁ ସେମାନଙ୍କ ଏହି ଅଘୋଷିତ ସମ୍ପର୍କକୁ ପଦାରେ ପକେଇବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଜିଲା କଂଗ୍ରେସ ସଭାପତି ଚନ୍ଦ୍ର ଶେଖର ପରିଡ଼ାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଫୁଲବାଣୀ ବ୍ଲକ ସଭାପତି ପ୍ରତିଭା କହଁରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା। ଏ ଅବସରରେ କଂଗ୍ରେସ କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ସଭାପତି ଅନାମ ନାୟକ, ପୂର୍ବତନ ଏମ୍‌ପି ନକୁଳ ନାୟକ, ପୂର୍ବତନ ବିଧାୟକ ଅଭିମନ୍ୟୁ ବେହେରା, ଯୁବ କଂଗ୍ରେସ ସଭାପତି ଚନ୍ଦନ ପଣ୍ଡା, ଏଆଇସିସି ସଦସ୍ୟ ବିସ୍ମୟ ମହାପାତ୍ର, ବରିଷ୍ଠ ନେତା ଘନ କୁମାର ଶବର, ପଛୁଆ ବର୍ଗ ଜିଲା ଅଧ୍ୟକ୍ଷ ସୂର୍ଯ୍ୟକାନ୍ତ ଦାସ, ପିସିସି ସଭ୍ୟ ସନ୍ତୋଷ ପଟ୍ଟନାୟକ, ପୂର୍ବତନ ଲୋକସଭା ଯୁବ କଂଗ୍ରେସ ସଭାପତି ପ୍ରଭାତ ବେହେରା, ନନ୍ଦ କିଶୋର ଦାସ ଏବଂ ସୋସିଆଲ ମିଡିଆ ସଂଯୋଜକ ଗୌର ଚରଣ ବେହେରାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



ଫୁଲବାଣୀରେ ବିଜେଡି-ଭାଜପା ମଧ୍ୟର ବାହାଘର ହେଉଛି।




ଭଞ୍ଜନଗର କଗ୍ରେସ ପକ୍ଷରୁ ବିଜେଡି-ଭାଜପା ବାହାଘର।

**ଭଞ୍ଜନଗର(ବାବୁଲା ପ୍ରଧାନ)**

ଭଞ୍ଜନଗର କଂଗ୍ରେସ ପକ୍ଷରୁ ଶନିବାର ସ୍ଥାନୀୟ ଭେଜିପୁଟ ଶିବ ମନ୍ଦିର ପରିସରରେ ବିଜେଡ଼ି ଭାଜପାର ବିବାହ ଉତ୍ସବ କରାଯାଇଥିଲା। କଂଗ୍ରେସ କର୍ମୀ ମାନେ ସହରରେ ଶୋଭାଯାତ୍ରା କରିବା ପରେ ମନ୍ଦିରରେ ଏକାଠି ହୋଇ ଦୁଇ ଦଳର ବିବାହ କରାଇଥିଲେ। ଏହି ସମୟରେ ଏ ଆଇ ସି ସି ସଭ୍ୟ ବିସ୍ମୟ ମହାପାତ୍ର, କଂଗ୍ରେସ ନେତା ପ୍ରଶାନ୍ତ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ।

**ଛତ୍ରପୁର (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ଛତ୍ରପୁରରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ବିକ୍ଷୋଭରେ ଜିଲା କଂଗ୍ରେସ କମିଟି ସଭାପତି ଦୀପକ ପଟ୍ଟନାୟକ , ଭାଗିରଥି ବେହେରା, ଶମ୍ଭୁ ପାଣିଗ୍ରାହୀ, ବୃନ୍ଦାବନ ଖଟେଇ, ଅତୁଲ୍ୟ ପାଢ଼ୀ, ଅଶୋକ କୁମାର ପଟ୍ଟନାୟକ, ମହେଶ ଗୌଡ଼, ଚକ୍ରପାଣି ପଲେଇ, ସୁଭାଷିନୀ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

**ପାରଳାଖେମୁଣ୍ଡି (ଗିରିଧାରୀ ପରିଛା):**

ପାରଳାଖେମୁଣ୍ଡିରେ କଂଗ୍ରେସର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଂଗ୍ରେସ ପ୍ରଚାର କମିଟିର ଅଧ୍ୟକ୍ଷ ବିଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ଶୋଭାଯାତ୍ରା ଜିଲା କଂଗ୍ରେସ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା କରି ହାଇସ୍କୁଲ ଛକ ନିକଟରେ ପହଞ୍ଚି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଗୃହମନ୍ତ୍ରୀ ଅମିତ ସାହଙ୍କ ପୋଷ୍ଟରକୁ ଦାହ କରାଯାଇଥିଲା।

